ଧରିତ୍ରୀ
DHARITRI


November 30-December 6, 2025 ₹ 2/-

# ଛୁଟି ଦିନ

# ଏମିତି ଥିଲା ପିଲାଦିନ

ବିଶିଷ୍ଟ ବୈଜ୍ଞାନିକ ଭାବେ ଏମାନେ ବିଶ୍ୱ ବିଖ୍ୟାତ । ଏମାନଙ୍କ ବୁଦ୍ଧିମତ୍ତାର ପ୍ରଶଂସାରେ ସାରା ଦୁନିଆ ଶତମୁଖ । କିନ୍ତୁ ଏହି ବୈଜ୍ଞାନିକମାନଙ୍କ ବାଲ୍ୟକାଳ ଏମିତି ଥିଲା ଯେ, କେହି କେବେ ଭାବି ନ ଥିଲେ ଏମାନଙ୍କ ପାଇଁ ଦିନେ ବଦଳିଯିବ ଦୁନିଆର ରୂପରେଖ...

୩
ପ୍ରଚ୍ଛଦ ପ୍ରସଙ୍ଗ





# ଆକ୍ୱାରିୟମ୍ ମାଛ ରଖୁଥିଲେ...

ଆକ୍ୱାରିୟମ୍‌ରେ ମାଛ ଖୁସିରେ ପହଁରୁଥିବାର ଦେଖିଲେ ଭାରାକ୍ରାନ୍ତ ମନକୁ ଖୁବ୍ ଶାନ୍ତି ମିଳେ। କୁହାଯାଏ, ମାଛମାନେ ଯେମିତି ଚଳଚଞ୍ଚଳ, ସେମାନଙ୍କୁ ଘରେ ରଖିଲେ ଘରର ବାତାବରଣ ବି କୁଆଡ଼େ ସେମିତି ହୋଇଯାଏ। ଏପରିକି ମାଛ ରଖିବା ଦ୍ୱାରା ଘରେ କୁଆଡ଼େ ବହୁତ ଉନ୍ନତି ମଧ୍ୟ ହୋଇଥାଏ। ତେବେ ଆକ୍ୱାରିୟମ୍‌ରେ ମାଛ ରଖିବାକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ସବୁ ନିୟମ ରହିଛି ଜାଣନ୍ତୁ ସେ ସମ୍ପର୍କରେ...



* ଆକ୍ୱାରିୟମ୍‌ରେ ସର୍ବଦା ୯ଟି ମାଛ ରଖିବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଆଉ ସେହି ୯ଟି ମାଛ ମଧ୍ୟରେ ୮ଟି ଗୋଲ୍ଡ ଫିଶ୍ ଆଉ ଗୋଟିଏ କଳା ମାଛ ରହିଲେ ଭଲ।

*ଗୋଲ୍ଡ ଫିଶ୍‌କୁ ସାଧାରଣତଃ ଧନର ପ୍ରତୀକ ବୋଲି କୁହାଯାଇଥାଏ। ଅନ୍ୟପକ୍ଷେ କଳାମାଛଟି ସୁରକ୍ଷାର ପ୍ରତୀକ ଭାବେ ଘରକୁ ପ୍ରବେଶ କରୁଥିବା ସମସ୍ତ ନକରାତ୍ମକ ଉର୍ଜାକୁ ନିଜ ଉପରକୁ ନେଇ ଘରେ ସକାରତ୍ମକ ପ୍ରଭାବ ବଢ଼ାଇଥାଏ।

*ଯଦି ଆକ୍ୱାରିୟମ୍‌ରେ ଥିବା କଳାମାଛଟି ଅଚାନକ୍ ମରିଯାଏ, ସେହିଥିରୁ ଜାଣିଯିବେ ଯେ, ଘର ମଧ୍ୟକୁ କିଛି ଖରାପ ଶକ୍ତି ପ୍ରବେଶ କରିଛି।

*ସଙ୍ଗେସଙ୍ଗେ ଆଉ ଗୋଟିଏ ଜିଅନ୍ତା କଳାମାଛ ଆଣି ଆକ୍ୱାରିୟମ୍‌ରେ ରଖିଦେବେ ଏବଂ ମୃତ ମାଛଟିକୁ ଏଣେତେଣେ ନ ଫୋପାଡି ଚଳନ୍ତା ପାଣିରେ ଭସାଇଦେବେ ନଚେତ୍ ମାଟିଖୋଳି ପୋତିଦେବେ।

*ଅନ୍ୟପକ୍ଷେ ଯଦି ଗୋଲ୍ଡ ଫିଶ୍ ମରିଯାଏ, ତା'ହେଲେ ପୁଣି ନୂଆ ଗୋଲ୍ଡ ଫିଶ୍ ଆଣି ସେ ସ୍ଥାନରେ ରଖିଦେବେ। ଦେଖିବେ, ଆକ୍ୱାରିୟମ୍‌ରେ ୯ଟି ମାଛ ଯେମିତି ରହୁଥିବେ। ଏହା କୁଆଡ଼େ ଶୁଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୩୦- ଡିସେମ୍ବର ୬, ୨୦୨୫

**ମେଷ**
ଉଦ୍ୟମ ସଫଳ ହେବ, କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, ଆର୍ଥିକ ପରିସ୍ଥିତି ବଦଳିବ, ପାରିବାରିକ ଶାନ୍ତି ଭଗ୍ନ, ସାହିତ୍ୟ କୃତିରୁ ପ୍ରଶଂସା, ମକଦ୍ଦମାରେ ବିଜୟ, ପଡୋଶୀଙ୍କ ପ୍ରତାରଣା, ଋଣ ପରିଶୋଧ କରିବେ, ସାଂସ୍କୃତିକ କାର୍ଯ୍ୟକୁ ନିମନ୍ତ୍ରଣ ॥

**ବୃଷ**
ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ବିଶିଷ୍ଟଙ୍କ ସାନ୍ନିଧ ଲାଭ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ପରିବାରର ଖର୍ଚ୍ଚଭାର ବୃଦ୍ଧି, ପଦାଧିକାରୀଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା, ଶିଳ୍ପବାଣିଜ୍ୟରେ ଉନ୍ନତି, ପରିବହନରେ ଝଗଡା, ପ୍ରକାଶନରେ ବିଳମ୍ବ ॥

**ମିଥୁନ**
କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, କୁଟନୀତି ଦ୍ୱାରା କାର୍ଯ୍ୟସାଧନ, ପ୍ରିୟଜନଙ୍କ ସମାଦର, ମତାନ୍ତରର ସମାଧାନ, ବକେୟା ଅର୍ଥପ୍ରାପ୍ତି, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣାଧୀନ ଗୃହରେ ପ୍ରତିବନ୍ଧକ, କାମଟି ଅସମ୍ପୂର୍ଣ୍ଣ ରହିଯିବ, କର୍ମଜଞ୍ଜାଳ ବୃଦ୍ଧି ॥

**କର୍କଟ**
ପ୍ରତୀକ୍ଷାର ଅନ୍ତ ଘଟିବ, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦୂରବସ୍ଥା, ସନ୍ତାନ ହେତୁକ ଅଶାନ୍ତି, ଋଣଗ୍ରସ୍ତ ହେବେ, ଦୁଃସାହସିକ କାମରେ ପ୍ରବେଶ, ସମ୍ପର୍କୀୟଙ୍କ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ, ବନ୍ଧୁଙ୍କ ସହାନୁଭୂତି ॥

**ସିଂହ**
ସମୟାନୁବର୍ତ୍ତିତାରୁ ପ୍ରଶଂସା, ସମସ୍ୟାର ପରିସମାପ୍ତି, ପାରିବାରିକ ସହମତିରେ କାର୍ଯ୍ୟ, ସାମୟିକ ସ୍ୱାସ୍ଥ୍ୟହାନୀ, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନାବାଣୀ, ଖର୍ଚ୍ଚ ପରିମାଣ ବୃଦ୍ଧି, ବନ୍ଧୁଙ୍କ ଭୁଲ୍ ବୁଝାମଣା, ସାମାଜିକସ୍ୱୀକୃତି ॥

**କନ୍ୟା**
ପାରିବାରିକ ଶାନ୍ତି, ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନରମଉକା, ଆତ୍ମୀୟଙ୍କ ଅସହିଷ୍ଣୁତା, ଭ୍ରାତୃ ସମ୍ପର୍କ ହ୍ରାସ, କ୍ରନିକ୍ ରୋଗରେ ପୀଡା, ଋଣଗ୍ରସ୍ତ ହୋଇପାରନ୍ତି, ବ୍ୟବସାୟରେ ଉନ୍ନତି, ଏଜେନ୍ସିପ୍ ବୃଦ୍ଧି, ସାଂଗଠନିକ ଆଲୋଚନା, ପ୍ରକାଶନରେ ବାଧା ॥

**ତୁଳା**
ଅବଶୋଷର ପରି ସମାପ୍ତି, ଉଦ୍ୟମ ଫଳବତୀ ହେବ, ନୂତନଗୃହାରମ୍ଭ କରିପାରନ୍ତି, ଯାନ୍ତ୍ରିକ ଜିନିଷର ମରାମତି, ଯାନବାହନ ନବୀକରଣ, ସାମାଜିକ ସମ୍ମାନ, ଆନୁଷ୍ଠାନିକ କାର୍ଯ୍ୟ ଆରମ୍ଭ, ବନ୍ଧୁଙ୍କ ଗଠନ ମୂଳକ ପ୍ରେରଣା, କର୍ମକ୍ଷେତ୍ରରେ ଉନ୍ନତି ॥

**ବିଛା**
ଶାରୀରିକ ସୁସ୍ଥତା, ମଙ୍ଗଳଜନକ କାର୍ଯ୍ୟାରମ୍ଭ, ଜମିଜମା କାରବାର, ବନ୍ଧୁ ସହଯୋଗ ପାଇବେ, ସଭାସମିତିକୁ ନିମନ୍ତ୍ରଣ, କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି, ପ୍ରଶାସନିକ ସଫଳତା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ବିବାଦରେ ବିଜୟ ॥

**ଧନୁ**
ଶୁଭଖବର ପାଇବେ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ବୈଷୟିକ ଅଭିବୃଦ୍ଧି, ପଡୋଶୀଙ୍କ ସମାଲୋଚନା, ଭୁଲ୍ ବୁଝାମଣାରୁ କଳହ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା, ନୂତନ କାର୍ଯ୍ୟାରମ୍ଭ ॥

**ମକର**
ପ୍ରତିବନ୍ଧକ ଦୂର ହେବ, କୌଣସି କାମ ଅଟକିବ ନାହିଁ, କର୍ମକ୍ଷେତ୍ରରେ ପ୍ରଶଂସା, ଉପରିସ୍ଥଙ୍କ ପ୍ରୋତ୍ସାହନ, ନିର୍ମାଣାଧୀନ କାର୍ଯ୍ୟାରମ୍ଭ, ଗୃହୋପଯୋଗୀ ଜମିଲାଭ, ଅଭିଳାଷପୂରଣ ହେବ, ଆମଦାନୀ କାରବାର ବୃଦ୍ଧି, ଗବେଷଣାରେ ଅଗ୍ରଗତି ॥

**କୁମ୍ଭ**
ମାନସିକ ଅସ୍ଥିରତା, ସାମୟିକ ସ୍ୱାସ୍ଥ୍ୟହାନୀ, କର୍ମକ୍ଷେତ୍ରରେ ବିବାଦ, ଧନହାନୀରୁ ମନସ୍ତାପ, ତୀର୍ଥାଟନର ସୁଯୋଗ, ଭ୍ରାତୃସମ୍ପର୍କରେ ଅବନତି, ଶିଳ୍ପବାଣିଜ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ, ରୋଗପୀଡା କମିବ, ଋଣ ସୁଝିବେ ॥

**ମୀନ**
ଆରୋଗ୍ୟଲାଭରୁ ଆଶ୍ୱସ୍ତି, ମାନସିକ ଚାପ କମିବ, ନୂତନ କର୍ମାରମ୍ଭ, ପାରିବାରିକ ସହମତି, ସନ୍ତାନଙ୍କ ବିଶୃଙ୍ଖଳା, କରଜ ଦାତାଙ୍କ ଚାପ ବୃଦ୍ଧି, ଭୁଲ୍ ବୁଝାମଣା ଦୂର ହେବ, ବିଳାସବ୍ୟସନ ପ୍ରତି ବିମୁଖତା, ରାଜନୀତିରେ ପ୍ରତିଷ୍ଠା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ॥

# ମୂଳାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ...

ମୂଳାରେ ଭରି ରହିଥାଏ ଭିଟାମିନ୍ ସି ସମେତ ଅନେକ ଉପକାରୀ ପୋଷଣ ତତ୍ତ୍ୱ; ଯଦ୍ଦ୍ୱାରା ଏହାକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ିବାରେ ସହାୟକ ହୋଇଥାଏ। କୋଷ୍ଠକାଠିନ୍ୟ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ବି ମୂଳା ଖାଇବା ସର୍ବୋତ୍ତମ। କାରଣ ମୂଳା ଖାଇବା ଦ୍ୱାରା ପାଚନକ୍ରିୟା ଠିକ୍ ରହିଥାଏ ବୋଲି କୁହାଯାଏ। ଅନ୍ୟପକ୍ଷେ ମୂଳା କିଡ୍‌ନୀ ପାଇଁ ମଧ୍ୟ ଉପକାରୀ ହୋଇଥାଏ। କୁହାଯାଏ, ନିୟମିତ ବ୍ୟବଧାନରେ ମୂଳା ଖାଇବା ଦ୍ୱାରା କିଡ୍‌ନୀ ଷ୍ଟୋନ ହେବାର ଆଶଙ୍କା ସେତେ ବେଶୀ ରହେନାହିଁ। ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ସହିତ ବ୍ଲଡ୍ ସୁଗାର୍‌କୁ ବି ନିୟନ୍ତ୍ରଣରେ ରଖିବାରେ ମୂଳା ବେଶ୍ ସହାୟକ ହୋଇଥାଏ। ତା'ଛଡ଼ା ଏଥିରେ ପୋଟାସିୟମ୍‌ର କିଛି ମାତ୍ରା ରହୁଥିବାରୁ, ଏହାକୁ ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ ବୋଲି ସୂଚନା ରହିଛି। କେବଳ ସେତିକି ନୁହେଁ,



ଫୋଲେଟ୍ ନାମକ ଏକ ତତ୍ତ୍ୱ ମୂଳାରେ ରହିଥିବାରୁ, ଏହା ମସ୍ତିଷ୍କ ପାଇଁ ବି ବେଶ୍ ଉପକାରୀ ହୋଇଥାଏ। ଯେହେତୁ ଶୀତଦିନେ ଭଲ ମୂଳା ମିଳେ, ତେଣୁ ଏହାକୁ ପ୍ରତ୍ୟେହ ଖାଦ୍ୟ ତାଲିକାରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି କୁହାଯାଇଥାଏ।

# ପାଠକୀୟ

* ଖବରକାଗଜ ପ୍ରାୟ ସମସ୍ତେ ପଢ଼ନ୍ତି। କିନ୍ତୁ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କେବଳ ପଢ଼ନ୍ତି ନାହିଁ, କିଛି ନିର୍ଦ୍ଦିଷ୍ଟ ଖବର ଉପରେ ଗୁରୁତ୍ୱ ଦେଇ ତାକୁ ହିଁ ସଂଗ୍ରହକରି ସାଇତି ରଖନ୍ତି। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଖବରକାଗଜର ସ୍ୱତନ୍ତ୍ର ସଂଗ୍ରାହକ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ପୁଷ୍ପଲତା ମିଶ୍ର, କଟକ*

* ଗଣମାଧ୍ୟମକୁ ସମାଜର ଦର୍ପଣ କୁହାଯାଏ। ଆଉ ଏହି ଗଣମାଧ୍ୟମର ଏକ ମୁଖ୍ୟ କ୍ଷେତ୍ର ହେଲା ଖବରକାଗଜ। ସମସ୍ତେ ତ ଖବରକାଗଜ ପଢନ୍ତି। କିନ୍ତୁ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଖବରକାଗଜ କେବଳ ପଢନ୍ତି ନାହିଁ, କିଛି ନିର୍ଦ୍ଦିଷ୍ଟ ଖବର ଉପରେ ଗୁରୁତ୍ୱ ଦେଇ ତାକୁ ହିଁ ସଂଗ୍ରହକରି ସାଇତି ରଖନ୍ତି। ତେଣୁ 'ଖବରକାଗଜର ସ୍ୱତନ୍ତ୍ର ସଂଗ୍ରାହକ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ତଥ୍ୟପୂର୍ଣ୍ଣ ହେବା ସହ ଶିକ୍ଷଣୀୟ ଥିଲା। *– ରୁପେନ୍ଦ୍ର ଜେନା, ସମ୍ବଲପୁର*

* 'ନୂଆ ନୁହେଁ ହ୍ୱାଇଟ୍ କଲାର ଟେରରିଜମ୍' ଶୀର୍ଷକ ପାଠଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ, ବୈଜ୍ଞାନିକ ଡକ୍ଟର କାର୍ତ୍ତିକ ସ୍ୱାଇଁଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଉଷ୍ମତା' ଶୀର୍ଷକ ଗପଟି ବି ଖୁବ୍ ମନଛୁଆଁ ଲାଗୁଥିଲା। *– ଧନଞ୍ଜୟ ପରିଡା, ସୁନ୍ଦରଗଡ଼*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ମିଳିଗଲା ଶୁଭ ଦିନ', 'ଯଦି ଶ୍ରଦ୍ଧା ରାଜି ହୋଇଥାଆନ୍ତେ', 'ଆୟୁଷ୍ମାନଙ୍କ ପ୍ରଶଂସାରେ ପରିଣୀତି' ଆଦି ପାଠର ଉପସ୍ଥାପନା ଶୈଳୀ ବି ଖୁବ୍ ଉଚ୍ଚକୋଟୀର ଥିଲା। ସାମାଜିକ କର୍ମୀ ତଥା ଖବରକାଗଜ ସଂଗ୍ରାହକ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଥମ ରୋଜଗାର ଅନୁଭୂତିଟି ବି ପ୍ରେରଣାଦାୟୀ ଥିଲା। *– ସ୍ୱପ୍ନା ସାମଲ, ଝାରସୁଗୁଡ଼ା*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡି ବାମ୍ବୋ ବ୍ୟାଗ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ରିଘାଗଡ଼' ଶୀର୍ଷକ ପାଠଟି ବି ଖୁବ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରୁ 'ମନୋରମ ହିଲ୍ ଷ୍ଟେଶନ ଲେନ୍ସଡାଉନ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ପୁଷ୍ପାଞ୍ଜଳୀ ସେନାପତି, ଭବାନୀପାଟଣା*

* ବିବିଧା ପୃଷ୍ଠାରେ ସ୍ଥାନିତ 'ଜନ୍ମ ହେବାମାତ୍ରେ ଶିଶୁ କାନ୍ଦେ କାହିଁକି' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଅସ୍ମିତାର ଛୁଙ୍କ'ଶୀର୍ଷକ ପାଠଟି ବି ବେଶ୍ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବରଫ ଡଙ୍ଗା', 'ହାତୀ ନୁହେଁ ଏ ହେଉଛି ବିଲ୍ଡିଂ', 'ସତ ନୁହେଁ ଭ୍ରମ' ଆଦି ପାଠଗୁଡ଼ିକ ଯେମିତି ଆଶ୍ଚର୍ଯ୍ୟକର ଥିଲା ସେମିତି ତଥ୍ୟପୂର୍ଣ୍ଣ ବି ହୋଇଥିଲା।

*– ଭବାନୀ ଶଙ୍କର, ଯାଜପୁର*




## ବିଶେଷ ଚିଠି

ଖବର କାଗଜର ସ୍ୱତନ୍ତ୍ର ସଂଗ୍ରାହକକୁ
ନେଇ ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଥିଲା ସାଥୀ,
ସୃଜନ ଓ ପ୍ରଥମ ରୋଜଗାର,
ମନ କିଣି ନେଉଥିଲା ପୁଣି
ତୁମ ସହରଠୁ ଦୂର।
ବାକି ପୃଷ୍ଠା ସବୁ ବି ଲାଗୁଥିଲା ବଢ଼ିଆ
ଛୁଟିଦିନ ତୁମେ ସବୁଥିରେ ଆଗୁଆ।


*– କଳ୍ପନା ତ୍ରିପାଠୀ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଏମିତି ଥିଲା ପିଲାଦିନ

**ବିଶିଷ୍ଟ ବୈଜ୍ଞାନିକ ଭାବେ ଏମାନେ ବିଶ୍ୱ ବିଖ୍ୟାତ । ଏମାନଙ୍କ ବୁଦ୍ଧିମତ୍ତାର ପ୍ରଶଂସା ଏବେ ହେଉଛି, ଆଗକୁ ବି ହେଉଥିବ । କିନ୍ତୁ ଏହି ବୈଜ୍ଞାନିକମାନଙ୍କ ବାଲ୍ୟକାଳ ଏମିତି ଥିଲା ଯେ କେହି କେବେ ଭାବି ନ ଥିଲେ, ଏମାନେ ଦିନେ ବଦଳାଇଦେବେ ଦୁନିଆ...**


ଥୋମାସ୍ ଆଲ୍ଭା ଏଡିସନ

ବିଶିଷ୍ଟ ବୈଜ୍ଞାନିକ ଭାବେ ଏମାନେ ବିଶ୍ୱ ବିଖ୍ୟାତ । ଏମାନଙ୍କ ବୁଦ୍ଧିମତ୍ତାର ପ୍ରଶଂସା ଆଜି ହେଉଛି, ଯୁଗ ଯୁଗ ଧରି ମଧ୍ୟ ହେଉଥିବ। କିନ୍ତୁ ଏହି ବୈଜ୍ଞାନିକମାନଙ୍କ ବାଲ୍ୟକାଳ ଏମିତି ଥିଲା ଯେ କେହି କେବେ ଭାବି ନ ଥିଲେ ଏମାନେ ଦିନେ ବଦଳାଇବେ ଦୁନିଆ। ଉଜାଗର କରିବେ ଅନେକ ଗୂଢ଼ ରହସ୍ୟ ପଛର ବୈଜ୍ଞାନିକ କାରଣ । ଆଉ ତାଙ୍କ ମହାନ୍ ଉଦ୍ଭାବନସବୁ କରିବ ଏ ମାନବ ସମାଜର କଲ୍ୟାଣ। ସେମାନଙ୍କର ସେହି ପିଲାଦିନର କଥା...


**ସ୍କୁଲରୁ ବିତାଡ଼ିତ ହୋଇଥିବା ଛାତ୍ର ହେଲେ ମହାନ୍ ଉଦ୍ଭାବକ:** ପ୍ରତି ଘରକୁ ଆଲୋକିତ କରୁଥିବା ବୈଦ୍ୟୁତିକ ବଲ୍‌ବକୁ ପୃଥିବୀର ସର୍ବଶ୍ରେଷ୍ଠ ଉଦ୍ଭାବନ ମଧ୍ୟରୁ ଅନ୍ୟତମଭାବେ ଗଣନା କରାଯାଏ । ଏହାର ଉଦ୍ଭାବନର କାହାଣୀ ଯେମିତି ରୋଚକ ଏହାର ଉଦ୍ଭାବକ ବୈଜ୍ଞାନିକ ଥୋମାସ୍ ଆଲ୍‌ଭା ଏଡିସନଙ୍କ ଜୀବନ କାହାଣୀ ବି ସେମିତି ରୋଚକ । ଆମେରିକାର ମହାନ୍ ଉଦ୍ଭାବକ ଥୋମାସ୍ ଏଡିସନ୍‌ଙ୍କ ଜନ୍ମ ୧୧ ଫେବୃଆରୀ ୧୮୪୭ରେ ହୋଇଥିଲା । ଛୋଟବେଳେ କମ୍ ବୁଦ୍ଧି ପାଇଁ ଯେ ଦିନେ ସ୍କୁଲରୁ ବିତାଡ଼ିତ ହୋଇଥିଲେ, ପରେ ସେ ସେହି ବୁଦ୍ଧିର ବଳରେ ୧୦୯୩ଟି ପେଟେଣ୍ଟ ନିଜ ନାଁରେ କରାଇଥିଲେ, ଯାହା ମଧ୍ୟରେ ବିଦ୍ୟୁତ୍ ବଲ୍‌ବ ଅନ୍ୟତମ । ଏହାକୁ ତିଆରି କରିବା ପୂର୍ବରୁ କିନ୍ତୁ ସେ ଅନେକଥର ଫେଲ୍ ହୋଇଥିଲେ । ତଥାପି ହାର୍ ମାନି ନ ଥିଲେ ଓ ବହୁ ପରିଶ୍ରମକରି ଶେଷରେ ବଲ୍‌ବ ତିଆରି କରିବାରେ ସଫଳ ହୋଇଥିଲେ ।

ତାଙ୍କ ବାଲ୍ୟକାଳର କାହାଣୀ ଥିଲା ବେଶ୍ ରୋଚକ । ଥୋମାସ୍‌ଙ୍କ ବାପାଙ୍କ ନାଁ ସାମୁଏଲ ଓଗଡେନ ଏଡିସନ୍ ଓ ମା' ନାନ୍ସି ମାଥ୍ୟୁସ୍ ଇଲିଓଟ୍। ଥୋମାସ୍ ମାତ୍ର କିଛି ମାସ ପାଇଁ ସ୍କୁଲ ଯାଇଥିଲେ । ସେ ଜଣେ ଉତ୍ସାହୀ ଛାତ୍ର ଥିଲେ । ଅନେକ ବହି ନିଜେ ପଢ଼ି ଜ୍ଞାନ ଆହରଣ କରିପାରୁଥିଲେ । ହେଲେ ବିଦ୍ୟାଳୟର ପାରମ୍ପରିକ ପଠନ ପଦ୍ଧତିକୁ ସହଜରେ ବୁଝିପାରୁ ନ ଥିଲେ । ଖୁବ୍ ସଂଘର୍ଷ କରୁଥିଲେ । ବାରମ୍ବାର ପ୍ରଶ୍ନ ପଚାରୁଥିଲେ । ତେଣୁ ତାଙ୍କୁ ଏକ ଦୁର୍ବଳ ଛାତ୍ର ମନେକରାଯାଉଥିଲା । ଏଇ ସ୍କୁଲ ପଢ଼ାକୁ ନେଇ ଏକ କଥା ଶୁଣିବାକୁ ମିଳେ । ତାହା ହେଉଛି – ଏଡିସନ୍ ପ୍ରାଥମିକ ଶିକ୍ଷା ଗ୍ରହଣ କରିବାବେଳେ ଥରେ ତାଙ୍କ ଶିକ୍ଷକ ତାଙ୍କ ହାତରେ ଏକ ପତ୍ର ଦେଇ କହିଲେ, ଘରକୁ ଯାଇ ମା'ଙ୍କୁ ଦେବ । ସୁଶିକ୍ଷିତ ଏଡିସନ୍‌ଙ୍କ ମା' ନାନ୍ସି ପତ୍ରଟି ପଢ଼ିବା କ୍ଷଣି କାନ୍ଦିବାକୁ ଲାଗିଥିଲେ । ମା' କାନ୍ଦୁଥିବାର ଦେଖି ଥୋମାସ୍ ପଚାରିଥିଲେ– ତମେ କାହିଁକି କାନ୍ଦୁଛ ? ମା' ଲୁହ ପୋଛୁ ପୋଛୁ କହିଥିଲେ– ଏହା ମୋର ଖୁସିର ଲୁହରେ ପୁଅ । ଏହି ପତ୍ରରେ ଲେଖାଯାଇଛି ଆପଣଙ୍କ ପୁଅ ବହୁତ ବୁଦ୍ଧିମାନ । ହେଲେ ସ୍କୁଲର ମାନ ସେହି ସ୍ତରର ନୁହେଁ । ଆମ ସ୍କୁଲର ଶିକ୍ଷକମାନେ ବି ଅଧିକ ଶିକ୍ଷିତ ନୁହନ୍ତି । ସେମାନେ ଆପଣଙ୍କ ପୁଅକୁ ପଢ଼ାଇପାରିବେ ନାହିଁ । ତେଣୁ ଏଡିସନ୍‌କୁ ଆପଣ ନିଜେ ପଢ଼ାନ୍ତୁ।' ଏହାପରେ ଏଡିସନ୍‌ଙ୍କ ମା' ଯିଏକି ପୂର୍ବେ ଶିକ୍ଷକତା କରୁଥିଲେ ପୁଅର ପଢ଼ାଇବା ଭାର ନିଜେ ଉଠାଇଲେ । ଆଉ ପୁଅର ଦୁର୍ବଳତାକୁ ତାଙ୍କ ଶକ୍ତିରେ ପରିଣତ କଲେ । ଅଧିକରୁ ଅଧିକ ପଢ଼ିବାକୁ ପ୍ରେରଣା ଦେବା ସହ ବିଜ୍ଞାନ ପ୍ରତି ଥିବା ତାଙ୍କର ଭଲ ପାଇବାକୁ ବଢାଇ ଭବିଷ୍ୟତ ବୈଜ୍ଞାନିକର ମୂଳଦୁଆ ସ୍ଥାପନ କରିଥିଲେ । ଅନେକ ବର୍ଷ ବିତିଗଲା ପରେ ଥୋମାସ୍ ଏଡିସନ୍ ଯେତେବେଳେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ସାରିଥିଲେ, ଥରେ ସେ ସେହି ପୁରୁଣା ପତ୍ରକୁ ପାଇଲେ । ଆଉ ଚିଠିଟିକୁ ପଢ଼ି ଚକିତ ହୋଇଯାଇଥିଲେ । କାରଣ ତାଙ୍କ ମା' ତାଙ୍କୁ ଯାହା କହିଥିଲେ, ତା'ର ଓଲଟା ସେଥିରେ ଲେଖାଯାଇଥିଲା । ଆଉ ସେ ବହୁତ କାନ୍ଦିଥିଲେ । କାରଣ ତାଙ୍କ ମା' ତାଙ୍କୁ ସେଦିନ କଷ୍ଟଦାୟକ ସତ୍ୟ ନ ଜଣାଇ ତାଙ୍କ ମନୋବଳ ବୃଦ୍ଧି କରିବା ଲାଗି ମିଛ କହିଥିଲେ । ଏଡିସନ୍ ଏହି ଘଟଣାକୁ ନିଜ ଡାଏରୀରେ ଲେଖିଥିଲେ ।

ଏହାବାଦ ଏଡିସନ୍‌ଙ୍କୁ ଯେବେ ୧୨ ବର୍ଷ ବୟସ ହୋଇଥିଲା ସେ ଏକ ସଂକ୍ରମକ ଜ୍ୱରରେ ପୀଡ଼ିତ ହୋଇଥିଲେ । ଫଳରେ କାନରେ ସଂକ୍ରମଣ ହୋଇଯାଇଥିଲା ଓ ତାଙ୍କ ଶ୍ରବଣଶକ୍ତି ଚାଲିଯାଇଥିଲା । ଥରେ କିନ୍ତୁ ଏଡିସନ୍ ବୁଦ୍ଧି ଖଟାଇ ଏକ କାଠକୁ ଦାନ୍ତରେ କାମୁଡ଼ି ସଙ୍ଗୀତ ବାଦକ ତଥା ପିଆନୋର ଧ୍ୱନି ତରଙ୍ଗକୁ ନିଜ ଖପୁରିରେ ଅବଶୋଷିତ କରିପାରିଥିଲେ । ତେବେ ଏଡିସନ୍ ଯେବେ ଯୁବାବସ୍ଥାରେ ପହଞ୍ଚିଥିଲେ ସେ ନିଜର ଏହି ଶ୍ରବଣ ଶକ୍ତି ହରାଇବାକୁ ବରଦାନ ମନେକରିଥିଲେ । କାରଣ ଏହା ତାଙ୍କ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରୁଥିଲା ।

ଏଡିସନ୍ ତାଙ୍କର କ୍ୟାରିୟର ପ୍ରଥମେ ରେଳ ଷ୍ଟେଶନରେ ଖବରକାଗଜ, କ୍ୟାଣ୍ଡି ଓ ପରିବା ବିକ୍ରିକରି ଆରମ୍ଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସେ ୧ ସପ୍ତାହରେ ୫୦ ଡଲାର ଲାଭ କରିଥିଲେ । ଆଉ ଆୟର ଅଧିକାଂଶ ଭାଗ ବୈଦ୍ୟୁତିକ ଓ ରସାୟନିକ ଗବେଷଣା କରିବାରେ ଖର୍ଚ୍ଚ କରୁଥିଲେ । ସେ ନିଜେ 'ଗ୍ରାଣ୍ଡ ଟ୍ରଙ୍କ୍ ହେରାଲ୍ଡ' ନାମକ ଖବରକାଗଜ ପ୍ରକାଶ କରିଥିଲେ, ଯାହାକୁ କି ସେ ଅନ୍ୟ ଖବରକାଗଜ ସହ ବିକ୍ରି କରିଦେଉଥିଲେ । ୫୦୦ ଲୋକ ତାଙ୍କ ଖବରକାଗଜର ଗ୍ରାହକ ହୋଇଥିଲେ । ଏମିତିକି ସେ ୨ଜଣ ସହଯୋଗୀଙ୍କୁ ନିଯୁକ୍ତ ବି କରିଥିଲେ । ଏଡିସନ୍ ଟ୍ରେନ୍‌ରେ ଏହି ବିକ୍ରି କାମକୁ କେବେ ବି ଛୋଟ କାମ ଭାବୁ ନ ଥିଲେ, ବରଂ ନିଜ କାମକୁ ନେଇ ଗର୍ବ କରୁଥିଲେ ।

୧୮୬୨ ମସିହାରେ ତାଙ୍କୁ ଯେବେ ୧୫ ବର୍ଷ ବୟସ, ଦିନେ ସେ ଏକ ଛୋଟ ପିଲାକୁ ଟ୍ରେନ୍ ଧକ୍କାରୁ ବଞ୍ଚାଇଥିଲେ । ଫଳରେ ପିଲାଟିର ବାପା ତାଙ୍କୁ ଖୁସିରେ ଟେଲିଗ୍ରାଫ୍ ଅପରେଟରର ତାଲିମ ଦେଇଥିଲେ । ଏହାପରେ ସେ ସ୍ଥାନୀୟ ଏକ ଦୋକାନରେ ଟେଲିଗ୍ରାଫର୍ କାମ କରିଥିଲେ । ପରେ ଗ୍ରାଣ୍ଡ ଟ୍ରଙ୍କ୍ ରେଲୱେରେ ନାଇଟ୍ ଟେଲିଗ୍ରାଫରର କାମ କରିଥିଲେ । ଚାକିରି କରିବା ସହ ସେ କ୍ୱାଲିଟେଟିଭ୍ ଆନାଲିସିସ୍ ପଢ଼ିଥିଲେ, ବିଭିନ୍ନ କେମିକାଲ ଏକ୍ସପେରିମେଣ୍ଟ କରୁଥିଲେ । ଆଉ ଖୁବ୍ କମ୍ ଶୋଉଥିଲେ । ଏହି କମ୍ ନିଦ୍ରା ପାଇଁ ଥରେ ଦୁଇଟି ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହେବାକୁ ଯାଉଥିଲା । ଏହାପରେ ସେ ସେହି ଚାକିରି ଛାଡ଼ି ଦେଇଥିଲେ । ୧୮୭୯ରୁ ୧୯୦୦ ମସିହା ଭିତରେ ସେ ସବୁ ମୁଖ୍ୟ ଉଦ୍ଭାବନ କରିଥିଲେ । ବିଶିଷ୍ଟ ବୈଜ୍ଞାନିକ ହେବା ସହ ଜଣେ ଧନୀ ବ୍ୟବସାୟୀ ବି ହୋଇପାରିଥିଲେ ।


ସାର୍ ଆଇଜାକ୍ ନ୍ୟୁଟନ୍

**ମା' କଲେ ଦ୍ୱିତୀୟ ବିବାହ, ଜେଜେମା'ଙ୍କ ପାଖରେ ବଢ଼ିଲେ :** ୧୬୬୬ ମସିହାର ଏକ ଉଷ୍ମ ସନ୍ଧ୍ୟା ସମୟର କଥା । ସେଓ ବଗିଚାରେ ବସିବାଥିବାବେଳେ ହଠାତ୍ ଏକ ବଡ଼ ସେଓ ପଡ଼ିଥିଲା ତାଙ୍କ ମୁଣ୍ଡ ଉପରେ । ଆଉ ସେ ଚିତ୍କାର କରିଥିଲେ–ୟୁରେକା... । ଏହି ସେଓ ପଡ଼ିବା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ଭାବିଥିଲେ ସେଓଟି ତଳକୁ କାହିଁକି ଖସିଲା, ଉପରକୁ କାହିଁକି ଗଲା ନାହିଁ । ଆଉ ଏହି ପ୍ରଶ୍ନବାଚୀରୁ ହିଁ ସେ ଆବିଷ୍କାର କରିଥିଲେ ମାଧ୍ୟାକର୍ଷଣ ଶକ୍ତିର ନିୟମକୁ। ସେ ହେଉଛନ୍ତି ଇଂଲଣ୍ଡର ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନ୍ୟୁଟନ୍। ଏହି ବିଶିଷ୍ଟ ବୈଜ୍ଞାନିକଙ୍କ ବାଲ୍ୟକାଳ କିନ୍ତୁ ଥିଲା ଖୁବ୍ ଦୁଃଖଦ । →




ଗାଲିଲିଓ ଗାଲିଲେଇ

ଗୁଗ୍ଲିଏଲ୍ମୋ ମାର୍କୋନି

ନ୍ୟୁଟନ୍‌ଙ୍କ ଜନ୍ମ ୧୬୪୩ ଜାନୁଆରୀ ୪ ତାରିଖ ୟୁନାଇଟେଡ୍ କିଙ୍ଗଡମ୍‌ର ଉଲ୍ସଥୋର୍ପ ମନେରରେ। ସେ ଏକ ପ୍ରି ମାଚ୍ୟୁର ବେବି ଥିଲେ। ପିତାଙ୍କ ମୃତ୍ୟୁର ୩ମାସ ପରେ ସେ ଜନ୍ମ ହୋଇଥିଲେ। ଆକାରରେ ଏତେ ଛୋଟ ଥିଲେ ଯେ, ଏକ ମଗ୍ ଭିତରେ ରହିଯାଉଥିଲେ। ଜନ୍ମରୁ ବାପାଙ୍କ ମୁହଁ ଦେଖି ନ ଥିବା ନ୍ୟୁଟନ୍‌ଙ୍କୁ ଯେବେ ୩ ବର୍ଷ ବୟସ ହୋଇଥିଲା ତାଙ୍କ ମା' ଦ୍ୱିତୀୟ ବିବାହ କରିଥିଲେ। ନୂଆ ସ୍ୱାମୀଙ୍କ ସହ ରହିବା ଲାଗି ନ୍ୟୁଟନ୍‌ଙ୍କ ମା' ତାଙ୍କୁ ତାଙ୍କ ମା' ତଥା ନିଉଟନ୍‌ଙ୍କ ଆଈଙ୍କ ପାଖରେ ଛାଡ଼ିଦେଇଥିଲେ। ଆଇଜାକ୍ ନିଜର ସାବତ ପିତାଙ୍କୁ ଆଦୌ ଭଲ ପାଉ ନ ଥିଲେ। ଆଉ ଦ୍ୱିତୀୟ ବିବାହ କରିଥିବାରୁ ମା'ଙ୍କୁ ଶତ୍ରୁ ଭାବୁଥିଲେ। ଏମିତିକି ସେ ମା' ଓ ସାବତ ବାପାଙ୍କ ଘରକୁ ଜାଳି ଦୁହିଁଙ୍କୁ ପୋଡ଼ିଦେବାର ଧମକ ବି ଦେଇଥିଲେ। ସେ ନିଜ ପରିବାର ଦ୍ୱାରା ପରିତ୍ୟକ୍ତ ହୋଇଥିବା ଅନୁଭବ କରୁଥିଲେ, ଯାହାକି ତାଙ୍କ ମାନସିକତାକୁ ଗଭୀର ଆଘାତ ଦେଇଥିଲା। ୧୨ରୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ସେ ଗ୍ରାନ୍ଥମ ସ୍ଥିତ ଦ କିଙ୍ଗ୍‌ସ ସ୍କୁଲରେ ଅଧ୍ୟୟନ କରିଥିଲେ। ଏହି ବିଦ୍ୟାଳୟର ପାଠାଗାରରେ ଏବେ ବି ତାଙ୍କ ହାତଲେଖା ଦେଖିବାକୁ ମିଳେ। ଏଇଠି ତାଙ୍କର ଗଣିତ ଅଧ୍ୟୟନର ମୂଳଦୁଆ ପଡ଼ିଥିଲା। ସବୁକିଛି ଠିକ୍ ଚାଲିଥିଲା। ହେଲେ ହଠାତ୍ ତାଙ୍କ ମା' ତାଙ୍କୁ ଏହି ବିଦ୍ୟାଳୟରୁ ବାହାରକରି ଉଲ୍ସଥୋର୍ପ ବାୟ କୋଲଷ୍ଟେରଓର୍ଥକୁ ନେଇଗଲେ। ସେତେବେଳେ ସେ ଦ୍ୱିତୀୟ ଥର ବିଧବା ହୋଇଥାନ୍ତି। ନ୍ୟୁଟନ୍‌ଙ୍କ ମା' ତାଙ୍କୁ ଏଠାକୁ ଆଣି କୃଷକ ହେବାକୁ ବାଧ କରୁଥିଲେ। ହେଲେ ନ୍ୟୁଟନ୍ ଏହି କାମ କରିବାକୁ ଚାହୁଁ ନ ଥିଲେ। ଏହି ସମୟରେ କିଙ୍ଗସ୍ ସ୍କୁଲର ଶିକ୍ଷକ ହେନ୍‌ରୀ ଷ୍ଟକ୍ସ, ନ୍ୟୁଟନ୍‌ଙ୍କୁ ପୁନଃ ପଢ଼ିବାକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ। ବହୁ କଷ୍ଟରେ ତାଙ୍କ ମା' ରାଜି ହୋଇଥିଲେ। ହେଲେ ସ୍କୁଲ ଫେରିବା ପରେ କେତେଜଣ ପିଲା ତାଙ୍କୁ ତାଚ୍ଛଲ୍ୟ କରିଥିଲେ, ଯାହାକି ତାଙ୍କୁ ବହୁ ଖରାପ ଲାଗିଥିଲା। ହେଲେ ଏହି କଥାକୁ ମନରେ ରଖି ସେ ପ୍ରତିଶୋଧ ପରାୟଣ ହୋଇ ନ ଥିଲେ ବରଂ ଜଣେ ଟପ୍ ର୍ୟାଙ୍କ ଛାତ୍ର ହୋଇ ଦେଖାଇଥିଲେ। ପରେ ସେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଟ୍ରିନିଟି କଲେଜରେ ପଢ଼ିଲେ। ଆଉ  ନିଜର ଅଧ୍ୟବସାୟ ବଳରେ ପରବର୍ତ୍ତୀ ସମୟରେ ସେ ଜଣେ ବିଶିଷ୍ଟ ଗଣିତଜ୍ଞ, ପଦାର୍ଥ ବିଜ୍ଞାନୀ, ଜ୍ୟୋତିର୍ବିଜ୍ଞାନୀ, ଅଲକେମିଷ୍ଟ, ଥିଓଲୋଜିଆନ, ଲେଖକ ଓ ଉଦ୍ଭାବକ ହେଲେ। ଲ' ଅଫ୍ ଗ୍ରାଭିଟି, ଲ' ଅଫ୍ ମୋସନ୍‌ର ସିଦ୍ଧାନ୍ତ ଆବିଷ୍କାର କଲେ। ତା'ସହ ପ୍ରଥମ ରିଫ୍ଲେକ୍ଟିଂ ଟେଲିସ୍କୋପ ତିଆରି କଲେ ଓ ପ୍ରିଜମ୍ ସାହାଯ୍ୟରେ ଧଳାରଙ୍ଗକୁ ବିଭିନ୍ନ ରଙ୍ଗରେ ବିଭାଜିତ କରି ଥିଓରି ଅଫ୍ କଲର ଆବିଷ୍କାର କଲେ।

**ପାଠପଢ଼ାରେ ଦୁର୍ବଳ ଥିଲେ ଆଇନ୍‌ଷ୍ଟାଇନ୍:** ମାନବ ଇତିହାସର ସବୁଠାରୁ ବୁଦ୍ଧିମାନ୍ ବ୍ୟକ୍ତିଭାବେ ଅଲବର୍ଟ ଆଇନ୍‌ଷ୍ଟାଇନ୍ ପରିଚିତ। ବିଜ୍ଞାନ ଜଗତରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। କିନ୍ତୁ ଆଇନ୍‌ଷ୍ଟାଇନ୍ ପିଲାଦିନେ ଏତେ ବୁଦ୍ଧିମାନ୍ ନ ଥିଲେ। ପାଠପଢ଼ାରେ ବହୁତ ଦୁର୍ବଳ ଥିଲେ। ତେଣୁ ତାଙ୍କୁ ନିର୍ବୁଦ୍ଧିଆ ବୋଲି କୁହାଯାଉଥିଲା। ୧୮୭୯ ମସିହା ମାର୍ଚ୍ଚ ୧୪ ତାରିଖରେ ଜର୍ମାନୀର ଉଲ୍ମରେ ସେ ଜନ୍ମ ଗ୍ରହଣ କରିଥିଲେ। ବାପା ହର୍ମନ ଆଇନ୍‌ଷ୍ଟାଇନ୍ ଓ ମା' ପୌଲିନ କୋଚ୍। ସେ ଯେତେବେଳେ ଖୁବ୍ ଛୋଟ ଥିଲେ ତାଙ୍କ ମା'ବାପା ତାଙ୍କୁ ନେଇ ଭାରି ଚିନ୍ତିତ ରହୁଥିଲେ। କାରଣ ସେ ପ୍ରାୟ ୩ବର୍ଷ ବୟସ ପର୍ଯ୍ୟନ୍ତ କଥା କହିପାରୁ ନ ଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସୁସ୍ଥ ଓ ଗଭୀର ଚିନ୍ତନଶୀଳ ବୋଲି କହିଥିଲେ। ୫ ବର୍ଷ ବୟସରେ ସେ ଯେତେବେଳେ ଅସୁସ୍ଥ ହୋଇ ବିଛଣାରେ ଥିଲେ, ତାଙ୍କୁ ତାଙ୍କ ବାପା ଏକ କମ୍ପାସ ଉପହାର ଦେଇଥିଲେ। ଏହାର କଣ୍ଟାଗୁଡ଼ିକ ସବୁବେଳେ କେମିତି ହଲଚଲ ହୋଇ ଗୋଟିଏ ଦିଗ ଦେଖାଉଥିଲା ତାହା ତାଙ୍କୁ ଚକିତ କରିଥିଲା। ଆଉ ଇଲେକ୍ଟ୍ରୋମ୍ୟାଗ୍ନେଟିଜମ୍ ଉପରେ ତାଙ୍କର ଆଗ୍ରହ ବଢ଼ିଥିଲା। ୫ ବର୍ଷ ବୟସରେ ସେ ମ୍ୟୁନିକ୍‌ସ୍ଥିତ ସେଣ୍ଟ ପିଟର୍ସ କ୍ୟାଥୋଲିକ୍ ଏଲିମେଣ୍ଟାରି ସ୍କୁଲରେ ପଢ଼ିଲେ। ପରେ ଲୁଇଟପୋଲ୍ଡ ଜିମ୍ନାସିୟମ ସ୍କୁଲରେ ଆଡଭାନ୍ସଡ୍ ପ୍ରାଇମେରି ଓ ସେକେଣ୍ଡାରି ଶିକ୍ଷା ଗ୍ରହଣକଲେ। ସ୍କୁଲର କଡ଼ା ନିୟମ ଓ ଘୋଷାଇ ମନେରଖାଇବାର ପଦ୍ଧତିକୁ ସେ ପସନ୍ଦ କରୁ ନ ଥିଲେ। ତେଣୁ ସେ ସ୍କୁଲ ଛାଡ଼ିଥିଲେ। ଆଉ ୧୨ ବର୍ଷ ବୟସରେ ନିଜେ ଆଲ୍‌ଜେବ୍ରା, କାଲ୍‌କୁଲସ୍ ଏବଂ ଇଉକ୍ଲିଡିଆନ୍ ଜେମେଟ୍ରି ପଢ଼ିବା ଆରମ୍ଭ କରିଥିଲେ। ଆଉ ତାଙ୍କର ଏତେ ଦ୍ରୁତବେଗରେ ଗଣିତରେ ବିକାଶ ହୋଇଥିଲା ଯେ, ୧୩ତମ ଜନ୍ମଦିନ ପୂର୍ବରୁ ପିଥାଗୋରାସ୍ ଥିଓରମ୍‌ର ଏକ ମୂଳ ପ୍ରମାଣ ଖୋଜିନେଇଥିଲେ। ୧୬ ବର୍ଷ ବୟସରେ ସେ ସୁଇଜରଲାଣ୍ଡର ଜୁରିଖ୍ ସ୍ଥିତ ସଂଘୀୟ ପଲିଟେକ୍‌ନିକ ସ୍କୁଲର ପ୍ରବେଶ ପରୀକ୍ଷା ଦେଇଥିଲେ। ହେଲେ ସେ ଏହାର ଜେନେରାଲ ପାର୍ଟର ପରୀକ୍ଷାରେ ସଫଳ ହୋଇପାରି ନ ଥିଲେ। କିନ୍ତୁ ଫିଜିକ୍ସ ଓ ଗଣିତରେ ଭଲ ପ୍ରଦର୍ଶନ କରିଥିଲେ। ପଲିଟେକ୍‌ନିକ୍ସର ପ୍ରିନ୍ସିପାଲଙ୍କ ପରାମର୍ଶରେ ସେ ତାଙ୍କର ସେକେଣ୍ଡାରି ଏଜୁକେଶନ ସାରିଥିଲେ। ତେବେ ସେ ପ୍ରାୟତଃ ନିଜେ ପଢ଼ି, ପରିବାର ଓ ଟ୍ୟୁଟରଙ୍କ ସହ ଆଲୋଚନାକରି ଗଣିତ ଓ ଫିଜିକ୍ସରେ ଦକ୍ଷ ହୋଇଥିଲେ। ଆଉ ପରବର୍ତ୍ତୀ ସମୟରେ 'ଥିଓରି ଅଫ୍ ରିଲେଟିଭିଟି' ବିକାଶ କରିଥିଲେ। କ୍ୱାଣ୍ଟମ ଥିଓରି ପାଇଁ ତାଙ୍କର ଥିଲା ଅନନ୍ୟ ଅବଦାନ। ଆଉ ତାଙ୍କର  'ଇ ଇଜ୍ ଇକ୍ୱାଲ୍ ଟୁ ଏମ୍ ସି ସ୍କୋୟାର' ଫର୍ମୁଲାକୁ ପୃଥିବୀର ସବୁଠାରୁ ପ୍ରସିଦ୍ଧ ଇକ୍ୱେସନ୍ ଭାବେ ଗଣନା କରାଗଲା।



ଅଲବର୍ଟ ଆଇନ୍‌ଷ୍ଟାଇନ୍

**କୌଣସି ଔପଚାରିକ ଉଚ୍ଚଶିକ୍ଷା ଗ୍ରହଣକରି ନ ଥିଲେ ମାର୍କୋନି:** ରେଡିଓର ଉଦ୍ଭାବକ ଗୁଗ୍ଲିଏଲ୍‌ମୋ ମାର୍କୋନିଙ୍କ ଜନ୍ମ ଏପ୍ରିଲ ୨୫, ୧୮୭୪ ଇଟାଲୀର ବୋଲୋଗ୍ନାରେ। ବାପା ଗ୍ୟୁସେପ ମାର୍କୋନି ଓ ମା' ଏନି ଜେମସନ୍। ବାପା ଥିଲେ ଜମିଦାର। ମାର୍କୋନି ଛୋଟବେଳେ ବିଦ୍ୟାଳୟ ଯାଇ ଅଳ୍ପ କିଛି ଔପଚାରିକ ଶିକ୍ଷା ଗ୍ରହଣ କରିଥିଲେ। ହେଲେ ଯୁବାବସ୍ଥାରେ କୌଣସି ଔପଚାରିକ ଶିକ୍ଷା ପ୍ରାପ୍ତକରି ନ ଥିଲେ। ହେଲେ ତାଙ୍କ ମାତାପିତାଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବା ଟ୍ୟୁଟରଙ୍କଠାରୁ ଘରେ ହିଁ ରସାୟନ ବିଜ୍ଞାନ, ଗଣିତ ଓ ପଦାର୍ଥ ବିଜ୍ଞାନର ଶିକ୍ଷା ଗ୍ରହଣ କରିଥିଲେ। ମାର୍କୋନିଙ୍କ ପରିବାର ଶୀତଦିନେ ଅତିରିକ୍ତ ଶିକ୍ଷକ ନିଯୁକ୍ତ କରୁଥିଲେ, ଯେମିତିକି ସେ ଅଧିକ ପଢ଼ିପାରିବେ ଓ ଶୀତରୁ ରକ୍ଷା ପାଇବା ଲାଗି ବୋଲୋଗ୍ନା ଛାଡ଼ି ଉଷ୍ମ ଜଳବାୟୁ ଥିବା ଟସ୍କାନି କିମ୍ବା ଫ୍ଲୋରେନ୍ସ ଯାଇପାରିବେ। ମାର୍କୋନିଙ୍କ ଗୃହ ଶିକ୍ଷକଙ୍କ ଭିତରେ ଫିଜିକ୍ସ ଶିକ୍ଷୟିତ୍ରୀ ଭିନ୍‌ସେଞ୍ଜୋ ରୋଜା ଥିଲେ ପ୍ରମୁଖ। ସେ ୧୭ ବର୍ଷୀୟା ମାର୍କୋନିଙ୍କୁ ଭୌତିକ ଘଟଣାର ମୂଳ କଥା ସହ ବିଦ୍ୟୁତ୍‌ର ନୂଆ ନୂଆ ସିଦ୍ଧାନ୍ତ ଶିଖାଇଥିଲେ। ୧୮ ବର୍ଷ ବୟସରେ ସେ ବୋଲୋଗ୍ନା ଫେରି ଆସିଥିଲେ। ଆଉ ବୋଲୋଗ୍ନା ବିଶ୍ୱବିଦ୍ୟାଳୟର ଫିଜିକ୍ସ ପ୍ରଫେସର ଅଗଷ୍ଟୋ ରିଗିଙ୍କ ସହ ପରିଚିତ ହୋଇଥିଲେ। ରିଗି ମାର୍କୋନିଙ୍କୁ ବିଶ୍ୱବିଦ୍ୟାଳୟରେ ଲେକ୍ଚର ଆଟେଣ୍ଡ କରିବାର ଅନୁମତି ପ୍ରଦାନ କରିଥିଲେ। ତା'ସହ ବିଶ୍ୱବିଦ୍ୟାଳୟର ଲାବରୋଟାରି ଏବଂ ଲାଇବ୍ରେରି ବ୍ୟବହାର କରିବାର ଅନୁମତି ପ୍ରଦାନ କରିଥିଲେ। ୧୮୯୦ ଦଶକର ପ୍ରାରମ୍ଭରୁ ସେ ରେଡିଓ ୱେଭ ଉପରେ ସମ୍ବଳିତ ୱାୟରଲେସ୍ ଟେଲିଗ୍ରାଫି ଉପରେ କାମ କରିବା ଆରମ୍ଭ କରିଥିଲେ। ଏହା ରେଡିଓ ଉଦ୍ଭାବନର ମୂଳଦୁଆ ସାଜିଥିଲା। ଆଉ ତାଙ୍କୁ ରେଡିଓର ଜନକ କୁହାଗଲା।

**ଦୂରବୀକ୍ଷଣ ଯନ୍ତ୍ରର ଉଦ୍ଭାବକ ଗାଲିଲିଓ ପିଲାଦିନେ ଥିଲେ ସଙ୍ଗୀତକାର:** ଇଟାଲୀର ପିସାରେ ୧୫୬୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ ଗାଲିଲିଓ ଗାଲିଲେଇ। ପିତା ଭିନ୍‌ସେଞ୍ଜୋ ଗାଲିଲେଇ ଓ ମା' ଗିଉଲିଆ ଡି କସିମୋ ଅମ୍ମାନ୍ନତି। ୬ ଭଉଣୀଭାଇଙ୍କ ଭିତରେ ଗାଲିଲିଓ ଥିଲେ ବଡ଼। ବାପା ଭିନ୍‌ସେଞ୍ଜୋ ସଙ୍ଗୀତକାର ଓ ସଙ୍ଗୀତ ଶିକ୍ଷକ ଥିଲେ। ଛୋଟବେଳେ ଗାଲିଲିଓ ବାପାଙ୍କ ସହ ମିଶି ଅଧିକାଂଶ ସମୟ ଗୀତ ଗାଉଥିଲେ। ବାଦ୍ୟଯନ୍ତ୍ରରେ ଥିବା ଷ୍ଟ୍ରିଙ୍ଗ୍‌ର ପିଚ୍ ଓ ଟେସନ୍ ଭିତରର ସମ୍ପର୍କକୁ ନେଇ ଅନେକ ପ୍ରୟୋଗ କରୁଥିଲେ। କୈଶୋର ମଧ୍ୟଭାଗରେ ସେ ଭଲ୍ଲୋମ୍ବ୍ରୋସାସ୍ଥ ମୋନେଷ୍ଟାରି ସ୍କୁଲରେ ପଢ଼ି ୧୫୮୧ରେ ୟୁନିଭର୍ସିଟି ଅଫ୍ ପିସାରେ ମାଟ୍ରିକ୍ ପାସ୍ କରିଥିଲେ। ସେଠି ତାଙ୍କୁ ବାପାଙ୍କ ଅନୁରୋଧରେ ମେଡିସିନରେ ପଢ଼ିବାକୁ ପଡ଼ିଥିଲା। କିନ୍ତୁ ତାଙ୍କ ମନ ଗଣିତ ଆଡ଼କୁ ଅଧିକ ଟାଣି ହେଉଥିଲା। ତେଣୁ ଡିଗ୍ରୀ ପୂରା କରିବା ପୂର୍ବରୁ ସେ ଅଧାରୁ ପଢ଼ା ଛାଡ଼ିଦେଇଥିଲେ। କିଛି ବର୍ଷ ଗଣିତ ଅଧ୍ୟୟନ

→



# ପ୍ରକୃତିକୁ ଚିତ୍ରରେ ଦେଖନ୍ତି






**ତା**ଙ୍କ ଘର ପାଖରେ ଥିବା କୁଞ୍ଜବିହାରୀ ମନ୍ଦିରକୁ ପିଲାଦିନେ ମା'ଙ୍କ ସହିତ ଯାଇ ସନ୍ଧ୍ୟାରେ ଆଳତି ଦର୍ଶନ କରନ୍ତି। ସେହି ମନ୍ଦିରର ନାନା କାରୁକାର୍ଯ୍ୟ ଦେଖିବାକୁ ତାଙ୍କୁ ଖୁବ୍ ଭଲ ଲାଗୁଥିଲା। ଆଉ ଏଇ ଭଲ ଲାଗିବା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଶିଳ୍ପୀର ପରିଚୟ ଦେଲା। ସେ ହେଲେ **ଶ୍ରୀକାନ୍ତ ପାଣିଗ୍ରାହୀ**। ସେ କୁହନ୍ତି, 'ଆମ ଘର କଟକ ଜିଲା ବାଙ୍କୀ ଅନ୍ତର୍ଗତ ପଶାଣିଆ ଗାଁରେ। ପିଲାଦିନେ ମନ୍ଦିର ଯିବା ଏବଂ ଫେରିବା ପରେ ଦେଖିଥିବା ଛବିକୁ ଘର ଚଟାଣରେ ଶଙ୍ଖଖଡ଼ିରେ ଅଙ୍କନ କରୁଥିଲି। ଏଇଠୁ ହିଁ ଚିତ୍ରଶିଳ୍ପୀ ହେବାର ମୂଳଦୁଆ ପଡ଼ିଥିଲା । ସେତେବେଳେ ଜଣେ ଦକ୍ଷଶିଳ୍ପୀଙ୍କର ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିଲି। ଚିତ୍ର ଆଙ୍କିବା ଅଭ୍ୟାସ ନିରନ୍ତର ଚାଲୁ ରଖିଲି । ପାଠପଢ଼ା ସହିତ ମାଟିର ଖେଳଣା, ବିଭିନ୍ନ ମୂର୍ତ୍ତି ଗଢ଼ିବା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲା। ମୋ ମା' ଶଶୀମଣିଙ୍କ ହାତରେ ସୁନ୍ଦର କଳାକୃତି ଦେଖି ବେଶି ଆକର୍ଷିତ ହୋଇପଡ଼ିଥିଲି। ମୋର ଏହି କଳା ପ୍ରତି ଆଗ୍ରହ ଥିବାର ଦେଖି ମୋ ପିତା ଗଗନବିହାରୀ ବହୁତଖୁସି ହେଉଥିଲେ। କାଳକ୍ରମେ ମହାବେରଣା ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କଲି । ତା'ପରେ ୧୯୯୭ ମସିହାରେ ବାଙ୍କୀ ମହାବିଦ୍ୟାଳୟରେ +୨ ପାଠପଢ଼ା ଆରମ୍ଭ କରିଥିଲି। ସେ ସମୟରେ ପେନ୍ସିଲ ଓ କାଗଜରେ ଚିତ୍ର ଅଙ୍କନ କରୁଥିଲି। କଲେଜର ସହପାଠୀ, ବଡ଼ଭାଇ, ଶିଶୁ ଓ ଅଧ୍ୟାପକମାନଙ୍କ ପ୍ରେରଣା, ଉତ୍ସାହ ପାଇ ୨୦୦୦ ମସିହାରେ ଭୁବନେଶ୍ୱରଠାରେ ଥିବା ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ପଟ୍ଟଚିତ୍ର ବିଭାଗରେ ୩ବର୍ଷ ତାଲିମ ନେଇଥିଲି। ଏଠାରେ ଶିଳ୍ପୀ ଗୁରୁ ଶ୍ରୀ ସୁଧୀରକୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୪ବର୍ଷ ତାଙ୍କ ପାଖେ ଶିକ୍ଷା ଗ୍ରହଣ କରିଥିଲି। ଏହାପରେ ଶିଳ୍ପୀ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲି। ସେଇଠୁ ଆରମ୍ଭ ହେଲା ଜଣେ ଶିଳ୍ପୀର କଳାତ୍ମକ ଜୀବନ। ସରକାରଙ୍କ ନିର୍ଦ୍ଦେଶମତେ ପ୍ରତି ଗ୍ରାମରେ ୧୫ଜଣ ବ୍ୟକ୍ତିଙ୍କୁ ନେଇ ପଟ୍ଟଚିତ୍ର ପ୍ରଶିକ୍ଷଣ ଦେବା ସହିତ ନିଜ ଗ୍ରାମର ଏକାଧିକ ପୁଅ ଝିଅଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିବାରେ ସକ୍ଷମ ହୋଇପାରିଛି। । ଏଯାଏ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଏହି କଳାରେ ଟ୍ରେନିଂ ଦେଇପାରିଛି। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ କଳା ପ୍ରଶିକ୍ଷକ ଭାବେ ୨୦୧୩ ମସିହାରୁ କଟକ ଜିଲା କନ୍ତକାଇ, ବାଙ୍କୀ ବିଦ୍ୟାଳୟରେ କାର୍ଯ୍ୟରତ। ମୋର ବହୁମୁଖୀପ୍ରତିଭା ପାଇଁ ଓଡ଼ିଶା ଭଳି ବିହାର, ଛତିଶଗଡ଼, ସୁରଟ, ଦିଲ୍ଲୀ ଆଦି ସ୍ଥାନମାନଙ୍କରେ ସ୍ଥାନିତ ହୋଇ ପ୍ରଶଂସିତ ହୋଇଛି। ତା'ସହ ଲଳିତକଳା ଏକାଡେମୀ ସମେତ ଅନେକ ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛି। ସେ ଚିତ୍ରକଳା ଅଙ୍କନ କରିବା ସହିତ କବିତା, ଭଜନ ଲେଖିବା ତାଙ୍କର ଏକ ନିଶା। ବିଭିନ୍ନ ପତ୍ରପତ୍ରିକାର ପ୍ରଚ୍ଛଦପଟ୍ଟ ଡିଜାଇନ୍ କରି ଜଣେ ଉତ୍ତମ ଶିଳ୍ପୀଭାବେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। କଳାପ୍ରତି ସମର୍ପିତ ତାଙ୍କର ପ୍ରକୃତି ପ୍ରତି ଥିବା ଅହେତୁକ ଭଲ ପାଇବା ପ୍ରତିଟି ଚିତ୍ରରେ ବାରି ହୋଇଥାଏ।




## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

# ଏମିତି ଥିଲା...

କରିବା ପରେ ସେ ଆରିଷ୍ଟଟଲଙ୍କ ଦର୍ଶନ ଶାସ୍ତ୍ର ଓ ଗଣିତ ପଢ଼ିବା ଆରମ୍ଭ କରିଥିଲେ। ଗଣିତକୁ ଅଧିକରୁ ଅଧିକ ଗଭୀରଭାବେ ଜାଣିବାର ପ୍ରୟାସ କରିଥିଲେ। ପରେ ସେ ମାଧ୍ୟାକର୍ଷଣ ଶକ୍ତି ଉପରେ ଗବେଷଣାକରି ଆରିଷ୍ଟଟଲଙ୍କର ମାଧ୍ୟାକର୍ଷଣ ଶକ୍ତି ଉପରେ ଥିବା ବିଚାରକୁ ଖଣ୍ଡନ କରିଥିଲେ। ଆଉ ଯେବେ ଜାଣିଲେ ନେଦରଲାଣ୍ଡରେ ଏମିତି ଏକ ଯନ୍ତ୍ର ତିଆରି କରାଯାଇଛି ଯାହାକି ଦୂର ଜିନିଷକୁ ନିକଟରେ ଥିବା ପରି ଦେଖାଏ, ଏହା କିଭଳି ସମ୍ଭବ ହେଉଛି ଜାଣିବା ଲାଗି ତା' ଉପରେ ଗବେଷଣା କରିବା ଆରମ୍ଭ କରିଥିଲେ। ଆଉ ଲେନ୍ସ ଗ୍ରାଇଣ୍ଡିଂର କଳାରେ ଏମିତି ପାରଙ୍ଗମ ହୋଇଗଲେ ଯେ ଶକ୍ତିଶାଳୀ ଟେଲିସ୍କୋପ ତିଆରି କରିପାରିଲେ। ଆଉ ତାଙ୍କ ନାଁ ଦୂରବୀକ୍ଷଣ ଯନ୍ତ୍ର ଆବଷ୍କାରକଭାବେ ଚିରଦିନ ପାଇଁ ଅମର ହୋଇ ରହିଗଲା।

**ବୁକ୍ ବାଇଣ୍ଡିଂ କାମ କରୁଥିଲେ ମାଇକେଲ୍ ଫାରାଡେ:** ୧୭୯୧, ସେପ୍ଟେମ୍ବର ୨୨ ତାରିଖ, ଲଣ୍ଡନର ନ୍ୟୁଇଙ୍ଗଟନ୍ ବଟ୍ସସ୍ଥ ସରେର ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମାଇକେଲ ଫାରାଡେ। ବାପା ଜେମ୍ସ ଜଣେ କମାର ଥିଲେ, ଯାହାଙ୍କ ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହୁ ନ ଥିଲା। ତେଣୁ ମା' ମାର୍ଗାରେଟ୍ଙ୍କୁ ଘରର ଭାର ଉଠାଇବାକୁ ପଡୁଥିଲା। ଚାରି ଭାଇ ଭଉଣୀଙ୍କ ଭିତରେ ମାଇକେଲ ଥିଲେ ତୃତୀୟ। ଦାରିଦ୍ର୍ୟ କାରଣରୁ ଏକ ସଣ୍ଡେ ସ୍କୁଲରେ କେବଳ ପ୍ରାଥମିକ ଶିକ୍ଷା ପାଇଥିଲେ ମାଇକେଲ। ୧୪ ବର୍ଷ ବୟସରେ ପାଠପଢା ଛାଡ଼ି ବ୍ଲାଣ୍ଡଫୋର୍ଡ ଷ୍ଟ୍ରିଟ୍‌ରେ ଥିବା ଏକ ବୁକ୍ ବାଇଣ୍ଡର ତଥା ବୁକ୍ ସେଲର୍‌ଙ୍କ ପାଖରେ କାମ କଲେ। ଆଉ ଏହି କାମ ହିଁ ତାଙ୍କ ପାଇଁ ବରଦାନ ପାଲଟିଲା। ସେ ବାଇଣ୍ଡ କରୁଥିବା ତଥା ଡେଲିଭରି କରୁଥିବା ବହିକୁ ପଢିବା ଆରମ୍ଭ କଲେ। ଖାସ୍‌କରି ବିଜ୍ଞାନ ପୁସ୍ତକଗୁଡ଼ିକୁ ପଢ଼ିବାକୁ ତାଙ୍କୁ ଭଲ ଲାଗୁଥିଲା। ଥରେ ବହି ବାଇଣ୍ଡିଂ କରିବାବେଳେ ବିଦ୍ୟୁତ ସମ୍ବନ୍ଧିତ ଏକ ଲେଖା ପଢିଲେ, ଯାହାକି ତାଙ୍କୁ ବହୁତ ଭଲ ଲାଗିଥିଲା। ଫଳରେ ଦୋକାନୀଙ୍କୁ ବହିଟି ମାଗି ସାରା ରାତି ପଢିଥିଲେ। ପରେ ବିଦ୍ୟୁତ ସମ୍ବନ୍ଧିତ ଅନେକ ପ୍ରୟୋଗ କରିବାକୁ ଲାଗିଲେ। ଏମିତିଭାବେ ବହି ପଢି ସେଥିରୁ ଶିକ୍ଷା ଆହରଣ କରିବା ତାଙ୍କର ଏକ ଅଭ୍ୟାସ ପାଲଟିଗଲା। ବହୁ ବଡ଼ ବଡ଼ ବୈଜ୍ଞାନିକଙ୍କ ପୁସ୍ତକ ପଢି ନିଜେ ନିଜକୁ ଶିକ୍ଷିତ କରୁଥିଲେ। ତା'ସହ ଅନେକ ଗବେଷଣା କରିବାକୁ ଲାଗିଲେ। ସ୍ଥାନୀୟ ଲୋକେ ତାଙ୍କ ପ୍ରତିଭାଦେଖି ସ୍ତମ୍ଭିଭୂତ ହୋଇଯାଉଥିଲେ। ସେଠାରେ ସାତ ବର୍ଷ କାମ କରିବା ପରେ ୧୮୧୨ ମସିହାରେ ଯେବେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା, ଥରେ ସେହି ପୁସ୍ତକ ଦୋକାନକୁ ଆସୁଥିବା ଜଣେ ଗ୍ରାହକ ତାଙ୍କର ପ୍ରତିଭା ଦେଖି ତାଙ୍କୁ ସାହାଯ୍ୟ କରିବା ଲାଗି ପ୍ରସିଦ୍ଧ ବୈଜ୍ଞାନିକ ସର୍ ହାମ୍ଫ୍ରି ଡେଭିଙ୍କ ସିରିଜ୍ ଲେକ୍ଚରର ଏକ ଟିକେଟ୍ ମାଇକେଲଙ୍କୁ ଦେଇଥିଲେ। ମାଇକେଲ ହାମ୍ଫ୍ରି ଡେଭିଙ୍କ ଲକ୍ଚର ଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲେ। ସେହି ଲେକ୍ଚରରୁ ଭଲ ନୋଟ୍ସ ତିଆରି କରି, ପରେ ଏକ ୩୦୦ ପୃଷ୍ଠାର ବହି ପ୍ରସ୍ତୁତ କରିଥିଲେ। ଆଉ ସେହି ପୁସ୍ତକକୁ ସେ ଡେଭିଙ୍କୁ ପଠାଇବା ସହ ତାଙ୍କ ପାଖରେ ଚାକିରି କରିବା ଲାଗି ନିବେଦନ କରିଥିଲେ। ଫାରାଡେଙ୍କ ପୁସ୍ତକ ଓ ତାଙ୍କର ବିଜ୍ଞାନ ପ୍ରତି ଡେଡିକେସନ୍ ଦେଖି ହାମ୍ଫ୍ରି ଡେଭି ୧୮୧୩ ମସିହାରେ ତାଙ୍କୁ ନିଜର କେମିକାଲ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତ କରିଥିଲେ। କାରଣ ଏହା ପୂର୍ବରୁ ହାମ୍ଫ୍ରି ନାଇଟ୍ରୋଜେନ୍ ଟ୍ରାଇକ୍ଲୋରାଇଡ୍ ଉପରେ ଗବେଷଣା କରୁ କରୁ ଦୁର୍ଘଟଣାଗ୍ରସ୍ତ ହୋଇ ଦୃଷ୍ଟିଶକ୍ତି ହରାଇଥିଲେ। ହାମ୍ଫ୍ରିଙ୍କ ସହ କାମ କରିବାର ସୁଯୋଗ ତାଙ୍କ କ୍ୟାରିୟର ପାଇଁ ବରଦାନ ପାଲଟିଥିଲା। ହାମ୍ଫ୍ରି ଫାରାଡେଙ୍କୁ ନିଜ ସହ ୟୁରୋପର ବିଭିନ୍ନ ସ୍ଥାନ ନେଉଥିଲେ। ଫଳରେ ତାଙ୍କର ବିଜ୍ଞାନର ଜ୍ଞାନ ବ୍ୟାପକ ହେବାକୁ ଲାଗିଲା। ବିଜ୍ଞାନର ବିଭିନ୍ନ ବିଷୟ ଭିତରୁ ଇଲେକ୍ଟ୍ରିସିଟି ପ୍ରତି ତାଙ୍କର ରୁଚି ଅଧିକ ଥିଲା। ଫାରାଡେ ଦିନସାରା ହାମ୍ଫ୍ରିଙ୍କୁ ସହଯୋଗ କରିବା ସହ ଘରର କାମ କରୁଥିଲେ। ରାତିରେ ପଢୁଥିଲେ। ଆଉ ବିଭିନ୍ନ ପରୀକ୍ଷଣ କରୁଥିଲେ। ଫଳରେ ସେ ଇଲେକ୍ଟ୍ରୋମାଗ୍ନେଟିକ ଇଣ୍ଡକ୍ସନ, ଡାଇମାଗ୍ନେଟିଜମ୍ ଓ ଲ ଅଫ୍ ଇଲେକ୍ଟ୍ରୋଲିସିସ୍ ଭଳି ପ୍ରିନ୍ସିପାଲ ଆବିଷ୍କାର କରିଥିଲେ। କେମିଷ୍ଟଭାବେ ସେ ବେଞ୍ଜିନ୍ ଓ କାର୍ବନ ଟେଟ୍ରାକ୍ଲୋରାଇଡ୍ ଆବିଷ୍କାର କରିଥିଲେ।



ମାଇକେଲ ଫାରାଡେ

ଏଇ ବୈଜ୍ଞାନିକଙ୍କ ବାଲ୍ୟକାଳର କାହାଣୀ ଭଳି ଆହୁରି ଅନେକ ବୈଜ୍ଞାନିକଙ୍କ ପିଲାଦିନ କଥା ଅଛି, ଯାହାକି ବେଶ୍ ରୋଚକ ଓ ପ୍ରେରଣାଦାୟକ। ଏମାନଙ୍କ ପିଲାଦିନର କଥା ପ୍ରମାଣିତ କରେ ଯେ, କୌଣସି ଘାତ ପ୍ରତିଘାତ କେବେ ଆଗକୁ ବଢ଼ିବାର ଅନ୍ତରାୟ ସାଜିପାରେନା। ଆଉ ଯଦି ଜଣେ ପିଲାଦିନେ ପଢ଼ାରେ ଦୁର୍ବଳ ଅଛି, ତା'ର ମାନେ ନୁହେଁ କି ତା'ର ଭବିଷ୍ୟତ ଅନ୍ଧକାର। ବରଂ ସେଇ ପିଲା ବି ଦିନେ ସମସ୍ତଙ୍କ କଳ୍ପନାର ଊର୍ଦ୍ଧ୍ୱରେ ମହାନ୍ କାମ କରିପାରେ।

–ଶିବାନୀ ମହାନ୍ତି

# ଜହ୍ନ ଉଠିଥିବ ତାରା ଫୁଟିଥିବ...



'ଜହ୍ନ ଉଠିଥିବ ତାରା ଫୁଟିଥିବ...', 'ହୋଲି ହୋଲିରେ ହୋଲି ରଙ୍ଗ ରଙ୍ଗେଲି ନାଲି...', 'ପାନଗୁଆ ଖଇର ଗୁଆକାତି...', 'ଆମେ ସବୁ ସାଦାସିଧା ମାର୍କାମରା ଭଦରଲୋକ...', 'ଏ ଦୁନିଆ ମାଟି ହାଣ୍ଡି...', 'ମୁଁ ଏ ସହର ରୋମିଓ...', 'ଶୁଆ ପୋଷିଥିଲା କେତେ ସେନେହ ଦେଇ...' ୮୦ରୁ ୯୦ ଦଶକ ମଧ୍ୟରେ ଏହିପରି ଅନେକ ସିନେମା ଗୀତରେ ଶ୍ରୋତାଙ୍କୁ ମତୁଆଲା କରିଥିବା କଣ୍ଠଶିଳ୍ପୀ ହେଲେ **ଦେବାଶିଷ ମହାପାତ୍ର**। ସେ କେବଳ ଜଣେ କଣ୍ଠଶିଳ୍ପୀ ନୁହନ୍ତି, ସଙ୍ଗୀତକାର ମଧ୍ୟ। ପେସାରେ ସେ ଥିଲେ ବ୍ୟାଙ୍କର ଉଚ୍ଚପଦସ୍ଥ ଅଧିକାରୀ, କିନ୍ତୁ ସଙ୍ଗୀତ ଥିଲା ତାଙ୍କର ନିଶା। ଯେଉଁଥିରେ ସେ ପ୍ରାୟ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତେଇ ସାରିଲେଣି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ସେ ପୁରସ୍କୃତ ଓ ସମ୍ମାନିତ। ଦେବାଶିଷଙ୍କ ଜନ୍ମ ୧୪।୯।୧୯୫୪ରେ। ମାତା ସୌଦାମିନୀ ମହାପାତ୍ର, ପିତା ରମେଶ ଚନ୍ଦ୍ର ମହାପାତ୍ର। ଘର ମୟୂରଭଞ୍ଜ ଜିଲାର ବାରିପଦା ଦେଉଳସାହିରେ। ସେ କୁହନ୍ତି, 'ଆମର ଏକ କଳା ସଂସ୍କୃତିସମ୍ପନ୍ନ ପରିବାର। ଘରେ ସବୁଦିନ ସଙ୍ଗୀତ ସାଧନା ଚାଲେ। ପିଲାଟିଦିନରୁ ସା ରେ ଗା ମା ଶୁଣିଛି। ସେତେବେଳେ ବଡ଼ଭାଇ ଶାନ୍ତନୁ ମହାପାତ୍ରଙ୍କଠାରୁ ଗୀତ ଶିଖିବାକୁ ଘରକୁ ବହୁ ବିଶିଷ୍ଟ କଳାକାର ଓ ସଙ୍ଗୀତଜ୍ଞ ଆସୁଥିଲେ। ମୋର ମନେଅଛି ଆମ ଘରେ ୧୯୬୨/୬୩ ମସିହାରେ 'ସୂର୍ଯ୍ୟମୁଖୀ' ସିନେମା ପାଇଁ  ସଂଗୀତ ସଂଯୋଜନା ହୋଇଥିଲା। ପିଲାଟି ଦିନରୁ ମୋର ଗୀତ ଶୁଣିବାରେ ଯେମିତି ଆଗ୍ରହ, ଗୀତ ଗାଇବାକୁ ସେମିତି  ମନରେ ଉତ୍କଣ୍ଠାଥାଏ। ବାରିପଦାରେ ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। କିନ୍ତୁ ମଝିଆଭାଇ ଅଶୋକ ମହାପାତ୍ର କଟକରେ ଚାକିରି କରିଥିବାରୁ ଆମେ ଝାଞ୍ଜିରୀ ମଙ୍ଗଳାରେ ଆସି ରହିଲୁ। ଚାକିରି କରିବାର ୨ବର୍ଷ ପରେ ତାଙ୍କର ଅକାଳ ବିୟୋଗ ହୋଇଗଲା। ସେତେବେଳକୁ ମୁଁ ପ୍ରାୟ ୭ବର୍ଷର ହୋଇଥାଏ। ଏହି ସମୟରେ ମୋ ବଡ଼ ଭଉଣୀ ପାଟନାର ଏକ କଲେଜରେ ଅଧ୍ୟାପନା କରୁଥାନ୍ତି। ଦଶହରା ଛୁଟିରେ ସେ କଟକ ଆସିଥାନ୍ତି। ଛୁଟିସରିବା ପରେ ତାଙ୍କ ସାଥିରେ ମୁଁ ପାଟନା ଗଲି। ସେଠାରେ ଆମେ ସକାଳୁ ପ୍ରାର୍ଥନା କରୁ। ମୋ ଭଉଣୀଙ୍କର ଜଣେ ବଙ୍ଗୀୟ ସହକର୍ମୀ ମୋତେ କହିଲେ ତୁମର ସ୍ୱର ଭଲ। ଆସ ତୁମକୁ ଗୀତ ଶିଖାଇ ଦେବି।  ଲତା ମଙ୍ଗେସ୍‌କର ଗାଇଥିବା ଏକ ଗୀତକୁ ସେ ମୋତେ ଶିଖାଇଥିଲେ। ତା'ପରେ ପାଟନାରୁ କଟକ ଆସିଲି, ପରେ ବାରିପଦାକୁ ଫେରିଥିଲି। ଏଠାରେ ସଙ୍ଗୀତକାର ସରୋଜ ପଟ୍ଟନାୟକ ଓ ରାଧାକୃଷ୍ଣ ଭଞ୍ଜଙ୍କଠାରୁ ସଙ୍ଗୀତ ଶିକ୍ଷା କଲି। ରାଧାକୃଷ୍ଣ ସାର୍‌ଙ୍କଠାରୁ ତାନ୍‌ପୁରାରେ ସା-ର ବ୍ୟବହାର କେମିତି ହୁଏ ଶିଖିଥିଲି। ସେତେବେଳେ ମୁଁ ରାଣୀହାଟ ହାଇସ୍କୁଲରେ ୮ମରେ ପଢୁଥିଲି।  ସରସ୍ୱତୀ ପୂଜାରେ ସ୍କୁଲରେ ଗୀତ ପ୍ରତିଯୋଗିତା ହେଲା। ସେଥିରେ ଭାଗ ନେବା ପାଇଁ ବଡ଼ଭାଇ ଶାନ୍ତନୁ ମହାପାତ୍ରଙ୍କୁ କହିଲି। ସେ ମୋତେ ପ୍ରଣବ ପଟ୍ଟନାୟକଙ୍କ ପାଖକୁ ଯିବାକୁ କହିଲେ। ସେଠାରୁ ଜୀବନାନନ୍ଦ ପାଣିଙ୍କ ଏକ ଗୀତ 'ଆଗୋ ବନହଂସୀ...' ଗାଇବା ଶିଖିଲି। ସେହି ଗୀତକୁ ଗାଇ ଶହେ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଥମସ୍ଥାନ ପାଇଲି। ସେଠାରେ ଉପସ୍ଥିତ ଥିବା ରମେଶ ସାର୍ ମୋ ସମ୍ପର୍କରେ ବିଚାରକ ମଣ୍ଡଳୀଙ୍କୁ ପରିଚୟ ଦେଇଥିଲେ। ଏହା ମୋତେ ଖୁବ୍ ଉତ୍ସାହିତ କରିଥିଲା। ଆଉ ସେବେଠାରୁ ମୋର ସାଂଗୀତିକଜୀବନ ଆରମ୍ଭ ହେଲା ବୋଲି ମନେକରେ। ଏଭିତରେ ବଡ଼ଭାଇ ଶାନ୍ତନୁ ମହାପାତ୍ରଙ୍କ ଚାକିରି ହୋଇଯାଇଥିଲା। ତାଙ୍କୁ ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର ମିଳିଥାଏ। ତେଣୁ ତାଙ୍କ ପାଖରେ ଆମେ ପୁରା ପରିବାର ଆସି ରହିଲୁ।୧୯୭୨ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍‌ଏ ପଢୁଥାଏ। ଆକାଶବାଣୀ କଟକ କେନ୍ଦ୍ର ତରଫରୁ ସର୍ବଭାରତୀୟ ସ୍ତରରେ ଆକାଶବାଣୀ ସୁଗମ ସଙ୍ଗୀତ ପ୍ରତିଯୋଗିତାରେ ପାଇଁ ସୂଚନା ବାହାରିଥାଏ। । ସେଥିରେ ଯୋଗଦେବା ପାଇଁ  ଆବେଦନ କଲି। ତା'ପରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଠାରୁ ଗୋଟିଏ ଆଧୁନିକ ଓ ଗୋଟିଏ ପଲ୍ଲୀଗୀତ ଗାଇବା ଶିଖିଲି। ପରେ ସର୍ବଭାରତୀୟ ସ୍ତରରେ  ସୁଗମ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହେଲି। ଚାରିଆଡୁ ବହୁ ପ୍ରଶଂସା ମିଳିଲା। ଫଳରେ ସୁଗମ ସଙ୍ଗୀତ ପାଇଁ ବିନା ଅଡିଶନରେ ଆକାଶବାଣୀର ବି-ଗ୍ରେଡ୍ ଆର୍ଟିଷ୍ଟ ହୋଇପାରିଲି। ପଦ୍ମଶ୍ରୀ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସାଥିରେ ବିଭିନ୍ନ ସ୍ଥାନରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲି। ସଙ୍ଗୀତ ସାଧନା ସହ ଚାକିରି ପାଇଁ ପରୀକ୍ଷା ଦେଉଥିଲି। ୧୯୭୬ ମସିହାରେ ମାଡ୍ରାସ ଯାଇ 'ମନମନ୍ଦିର' ସିନେମା ପାଇଁ ପ୍ରଫୁଲ୍ଲ କରଙ୍କ ନିର୍ଦ୍ଦେଶନାରେ ମୋର ପ୍ରଥମଗୀତ ରେକର୍ଡିଂ କଲି। ତା'ପରେ ଘରେ ପହଞ୍ଚିଲା ବେଳକୁ  ଘରକୁ ଡାକରେ ନିଯୁକ୍ତିପତ୍ର ଆସିଥିଲା। ପ୍ରଥମେ ସିଣ୍ଡିକେଟ ବ୍ୟାଙ୍କ ରାଜସ୍ଥାନରେ ଚାକିରି କଲି। ଗୀତ ଅଭ୍ୟାସ ଚାଲିଥାଏ। ଚାକିରି କ୍ଷେତ୍ରରେ ସମ୍ବଲପୁର, କୋଲକାତା, ଭୁବନେଶ୍ୱର, ପାରାଦୀପ ଆଦି ବିଭିନ୍ନ ସହରକୁ ବଦଳି ହେଲା। କ୍ରମେ ବ୍ୟାଙ୍କର ଉଚ୍ଚପଦବୀରେ କାର୍ଯ୍ୟ କଲି। ଏବେ ପ୍ରାୟ ୧୧ବର୍ଷ ହେଲା ଚାକିରିରୁ ଅବସର ନେଇଛି। ତେବେ ଖୁସି ଲାଗେ ମୋ ଗୀତ ପାଇଁ ବ୍ୟାଙ୍କର ଉପରିସ୍ଥ ତଥା ଅନ୍ୟସମସ୍ତ କର୍ମଚାରୀ ମୋତେ ସହଯୋଗ କରିଛନ୍ତି। ହଁ, ମନେପଡୁଛି 'କି ହେବ ଶୁଆ ପୋଷିଲେ' ସିନେମାରେ 'ଶୁଆ ପୋଷିଥିଲା କେତେ ସେନେହ ଦେଇ...' ଗୀତରେ କଣ୍ଠଦାନ ବେଳେ ଭାବପ୍ରବଣ ହେବା ଯୋଗୁ କଣ୍ଠ ଟିକେ ଚୋକ୍ ହେଇଯିବା ପରି ମତେ ଲାଗିଲା। ମୁଁ ଯାଇ ଷ୍ଟୁଡିଓରେ ଡିଓ ଭଁସାଲି ସାର୍‌ଙ୍କୁ ଏକଥା କହିଲି। ହେଲେ ସେ କହିଲେ, ମୁଁ ତ ଓଡ଼ିଆ ଜାଣିନି କିନ୍ତୁ ଗୀତରେ ସେମିତି କିଛି ଅଖାଡୁଆ ଲାଗୁନି। ଦୁଃଖର ଭାବକୁ ସ୍ୱରରେ ଫୁଟେଇଛ। ସ୍ୱର ତ ଠିକ୍‌ଠାକ୍ ଅଛି। ଶୁଣିଲା ପରେ ମନଟା ଟିକେ ହାଲୁକା ଲାଗିଲା। ଏଯାଏ ମୁଁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସିନେମାରେ କଣ୍ଠଦାନ କରିଛି ; ଯାହା ମଧ୍ୟରେ ମନମନ୍ଦିର, ମାନସୀ, ପ୍ରିୟତମା, ଚିଲିକାତୀରେ, ମେଘମୁକ୍ତି, ଅଗ୍ନିପରୀକ୍ଷା, ଡୋରା, ବଳିଦାନ, ଜଗାବଳିଆ, ହିସାବ ନିକାଶ, ଯାହାକୁ ରଖିବେ ଅନନ୍ତ, ପକା କମଳ ପୋତ ଛତା, ଲକ୍ଷେ ଶିବପୂଜି ପାଇଛି ପୁଅ, ଗୋଲାମଗିରି, ବଗୁଲାବଗୁଲି, ଲାଲପାନ ବିବି, ହାରାନୀଳା, ଉଦଣ୍ଡୀ ସୀତା, କି ହେବ ଶୁଆପୋଷିଲେ, ପଞ୍ଜୁରୀ ଭିତରେ ଶାରୀ, ତୋ ବିନୁ ଅନ୍ୟଗତି ନାହିଁ, ପଥର ଖସୁଛି ବଡ଼ ଦେଉଳୁ, କୋଟିଏ ମଣିଷ ଗୋଟିଏ ଜଗା, ହରିଭାଇ ହାରେନା, ଜୀବନ ସଂଗ୍ରାମ, ଅର୍ଜୁନ ଆଦି ଅନ୍ୟତମ। ରେଡିଓ ଓ ଆଲ୍‌ବମ୍‌ରେ ମଧ୍ୟ ଅନେକ ଗୀତ ଗାଇଛି।'ମୋ ସଂଗୀତ ଜୀବନରେ ପ୍ରଶାନ୍ତ ନନ୍ଦ ଓ ସ୍ୱରୂପ ନାୟକଙ୍କ ଅବଦାନ ସବୁଠୁ ବେଶି। ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ମୁଁ ସାନଭାଇ କିନ୍ତୁ ପ୍ରଥମେ ସିନେମାରେ ଗୀତ ଗାଇବା ପାଇଁ ସଂଗୀଜ୍ଞ ପ୍ରଫୁଲ୍ଲ କର ମୋତେ ସୁଯୋଗ ଦେଇଥିଲେ।'







୧୯୯୧ରେ 'ତୋ ବିନୁ ଅନ୍ୟଗତି ନାହିଁ' ଗୀତକୁ ନିର୍ଦ୍ଦେଶନା ଦେଇଥିବା ଅକ୍ଷୟ ମହାନ୍ତିଙ୍କଠାରୁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକଭାବେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲେ। ୧୯୯୨ ମସିହାରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ପୁରସ୍କୃତ ହେଲେ। ୨୦୨୧ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ମଧ୍ୟ ସମ୍ମାନିତ ହୋଇଛନ୍ତି। ଏହାଛଡ଼ା ସେ ଓଡ଼ିଶା ସିନେ ଜର୍ନାଲିଷ୍ଟ ଆସୋସିଏଶନ ସମ୍ମାନ, ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ, ୧୬ତମ ଚଉଷଠି ଯୋଗିନୀ ସମ୍ମାନ, ଗୁରୁ ବାଳକୃଷ୍ଣ ଦାଶ ସମ୍ମାନ, ଚିନ୍ତା ଓ ଚେତନା ଜାତୀୟ ପୁରସ୍କାର, ଉତ୍କଳ ସମ୍ମାନ କଲିକତା, ସିକନ୍ଦର ଆଲାମ ମେମୋରିଆଲ ସମ୍ମାନ, ପ୍ରଣବ ପରମ୍ପରା ସମ୍ମାନ ଆଦି ଅନେକ ସମ୍ମାନରେ ସମ୍ମାନିତ।

ସେ କୁହନ୍ତି,'ଅଧିକାଂଶ ଓଡ଼ିଆ ସିନେମାରେ ନାୟକଙ୍କ ପାଇଁ ଗୀତ ଗାଇଛି। ଗୀତ କାନକୁ ଭଲ ଲାଗିଲେ ହୃଦୟକୁ ଛୁଇଁଯାଏ। ଆଜିକାଲି ଗୀତ ଶୁଣୁନାହାନ୍ତି ବରଂ ଭିଜୁଆଲରେ ଦେଖୁଛନ୍ତି। ଗୀତରେ ଖାଣ୍ଟି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଫୁଟିଉଠୁ, ଥରେ ଶୁଣିଲେ ଯେମିତି ଗୀତ ମନେରହିବ ସେମିତି ଗୀତ ପ୍ରସ୍ତୁତ କରାଯାଉ। ଦୁଃଖ ଲାଗେ ! କାହିଁକି ହେଉନି ସେମିତି ଗୀତ ? ଯେତେବେଳେ ଗୀତକୁ ଯାଏ ସେଥିରେ ପଶିଗଲା ପରେ ମୋର ଆଉକିଛି ମନେ ପଡ଼େନା।  'ମୟୂରୀ ଗୋ ତୁମ ଆକାଶେ ମୁଁ  ଦିନେ ମହ୍ଲାରେ ମେଘ ସାଜିଛି...' ଏହି ଗୀତ ମୋର ସବୁଠୁ ପ୍ରିୟଗୀତ। ଗୀତ ମୋର ମିତ। ଏମିତି ଗୀତ ଭିତରେ ବୁଡ଼ି ରହିଥିବା ଏହି ସଙ୍ଗିତଜ୍ଞଙ୍କୁ ତାଙ୍କ ବ୍ୟକ୍ତିଗତ ଜୀବନ କଥା ପଚାରିଲେ ସେ କୁହନ୍ତି,' ମୋ ସଂସାର କହିଲେ ସ୍ତ୍ରୀ ବିନୋଦିନୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ। ଦୁହେଁ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ।'

**-ବନବିହାରୀ ବେହେରା**







# ପଟେ ରୁଟି

– ମନୋଜ ମିଶ୍ର

କାନ୍ଦୁଛି ଝିଅ
ରାହାଧରି
ପେଟକୁ ଚାପିଧରି
ବାପ ଗଲାଅନ୍ତୁ
ଢୋକୁଅଛି ଭୋକ
ଶୁଖିଅଛି ତଣ୍ଟି...
ଗଲା ରାତିରେ
ରୋଗଣୀ ମାଆ କୋଳେ ମୁହଁଗୁଞ୍ଜି
ଅଭିମାନ ଖିଏ କଲା..
କହିଲା,
ମାଆଲୋ, ଆଉ ସମ୍ଭାଳି ହେଉନି
ବଢିଲା ଦେହ ମୋ'ର ସହିବି ପାରୁନି
ଏଇ ନେ...ତୋ' କାନିରେ ଟେକିଦେଲି
ମୋ' ପେଟ ଆଉ ପାଟି..

ଲୁହପୋଛି ମାଆ ଦେଖାଇଲା
ଭଙ୍ଗା ଖପର ଆରପାଖ ରାତି,
କହିଲା, ଏଇ ଦେଖିଲୁ ଝିଅ
କେମିତି ଗୋଲ ଆଉ ତୋଫା ଦିଶୁଚି ଆକାଶର
ଜହ୍ନ..!
ଆସ୍ତେ ମୁଣ୍ଡଟେକି ଉପରକୁ ଚାହିଁଲା ଝିଅଟି
କହିଲା ମାଆ, କାହିଁ କୋଉ ଜହ୍ନ ?

ସେଠି ତ ଝୁଲେ ପଟେ ରୁଟି...!!

*–ହାବିଟାଟ ୱାର୍ଲଡ଼,*
*ଇଣ୍ଡିଆ ହାବିଟାଟ ସେଣ୍ଟର, ନୂଆଦିଲ୍ଲୀ*
*ମୋ: ୯୮୭୧୮୩୦୯୧୭*

# ପଚାରନା, ତମେ କେମିତି ଅଛ

– ବେବୀଲତା ଶତପଥୀ

ଯଉବନ ହଜିଯାଏ
ବୟସର ରାଜରାସ୍ତାରେ
ମନଭୂଗୋଳର ନକ୍ସା ଚିରିଯାଏ
ସ୍ମୃତିର ସେ ଅଲେଖା ଖାତାରେ
ଜାଣିଶୁଣି ଯେବେ
ଦେଖା ହୋଇଯିବ
ଆମ ଚା' ଖଟି ଛକରେ
ମନେ ପଡ଼ିଯିବ, ଏଇତ
ତୁମ ଚାଲି ଯାଉଥିବା ବାଟେ
ଫୁଟୁଥିଲାନା କଦମ୍ବ ଶତ

ପଚାରନା,ତମେ କେମିତି ଅଛ
ପଚାରନା,ତମେ କେମିତି ଅଛ ।
ଭାରାକ୍ରାନ୍ତ ଜୀବନ
କଳ୍ପନା ର ରୂପାନ୍ତର
ଚରିତ୍ର ଭିତରେ ଅନ୍ୟ ଏକ
ଚରିତ୍ରର ଉପସଂହାର
ଭୟଙ୍କର ଦୁଃସାହସ
ପୁଣି ହାସ୍ୟାସ୍ପଦ ଆସ୍ଫାଳନ
ନୁଆଁଣିଆ ସଞ୍ଜ
ଗୁମ୍‌ସୁମ୍ ଆକାଶ
ଆକର୍ଷଣର ଆହ୍ୱାନ, କାହିଁକି ?
କୁହତ, ଫେରାଇ ପାରିବ କି
ସେଇ ମୁକୁତାର ହସ,
ପଚାରନା, ତମେ କେମିତି ଅଛ ?
ପଚାରନା, ତମେ କେମିତି ଅଛ ?

*–କଳିଙ୍ଗ ବିହାର,*
*ଭୁବନେଶ୍ୱର, ମୋ: ୬୩୭୨୯୯୯୫୯୦*

# ପଣତ

– ମିନାକ୍ଷୀ ପଣ୍ଡା

ବୟସର ବୟସଟା ସରି ସରି ଆସୁଥିଲା । ମାନେ ବୟସର ଚାଇଁ ଚାଇଁ ଖରାବେଳରୁ ସମୟ ଓହ୍ଲେଇ ଆସିଥିଲା ଗୋଧୂଳି ବେଳାକୁ । ଏଇ ବେଳକୁ ସ୍ତ୍ରୀଙ୍କର ସୁପ୍ତ ପ୍ରତିଭାରେ ସୂର୍ଯ୍ୟୋଦୟର ରଙ୍ଗ ବୋଳି ହେଲା । ସ୍ତ୍ରୀ ଏବେ ପ୍ରତିଭାର ଔଜଲ୍ୟରେ ପ୍ରତିଭାତ, ଗରିମାମୟ ଯଶଖ୍ୟାତି ତାଙ୍କର ଅସ୍ତିତ୍ୱକୁ ଜାହିର କରୁଛି, ପରିଚିତି ବ୍ୟାପ୍ତ କରୁଛି ।

ସ୍ତ୍ରୀ ଖୋଜାଲୋଡ଼ାର ମଣିଷଟେ ପାଲଟିଗଲେ ବାହାର ଦୁନିଆ ପାଖରେ ତ କେବେ ଖୋଜୁ ନ ଥିବା ସ୍ୱାମୀଟି ବି ଘରଭିତରେ ସ୍ତ୍ରୀ ଅନୁପସ୍ଥିତିର ଗନ୍ଧ ବାରିବାକୁ ଲାଗିଲା । ସ୍ୱାମୀ ମନଭିତରେ ବାହାନାମାନ ସଜିଲ ହେଲେ ସ୍ତ୍ରୀଟିକୁ ପୂର୍ବର କେବଳମାତ୍ର ଘରର ସ୍ତ୍ରୀ କରିବାକୁ ।

''ବୁଝିଲ, ଆଜିକାଲି ଏଇ ରୁଚିରେ ବହୁତ କୁଟିଳତା ପ୍ରବେଶ କଲାଣି । ଲୋକଙ୍କର ସାଧୁତା, ସମ୍ଭ୍ରମତା, ସଚ୍ଚୋଟପଣିଆ ହଜିଗଲାଣି । ଟିକେ ସାଦାସିଧା, ସରଳ, ସୁନ୍ଦର ସ୍ତ୍ରୀଲୋକ ଦେଖିଲାମାତ୍ରେ ନୁଙ୍ଗୁରାପଣ ଆରମ୍ଭ ।''

ସ୍ୱାମୀଙ୍କ ମନଭିତର ଟକମକ ଫୁଟୁଥିବା ବିଷ ଉତୁରି ସାରିଥିଲା । ସେ ଟିଭିକୁ ଚାହିଁଥିଲେ । ଟିଭି ପରଦାରେ ଏକ ଚିତ୍ର ପ୍ରଦର୍ଶନୀର ଦୃଶ୍ୟ ଥିଲା । ଦଳ ଦଳ ତରୁଣ, ବୟସ୍କ ନରନାରୀଙ୍କ ସମାଗମ ।

ରଙ୍ଗ ସହିତ ମନର, ମନ ସହିତ ହୃଦୟର, ହୃଦୟ ସହିତ ଚିନ୍ତାଧାରାର ଓ ଚିନ୍ତାଧାରା ସହିତ ମାନସିକତାର ଅପୂର୍ବ ସମିଶ୍ରଣ । ଆବେଗିକ, ଭାବାତ୍ମକ, ସରଳ, କୋମଳ, ଛଳଛଳ ଚେତନାର ଆଉଟାପଣ ।

ସ୍ତ୍ରୀ ମନଟା ଦର୍ପଣ ପାଲଟିଗଲା । ତନ୍ମୟହୋଇ ଟିଭିକୁ ଦେଖୁ ଦେଖୁ ଅଭ୍ୟାସବଶତଃ ସ୍ୱାମୀଙ୍କୁ ବି ଚାହିଁଦେଲା ।

ମନ ପରଖିବାରେ ଦର୍ପଣ ବେଳେବେଳେ ଲେନ୍‌ସ ପାଲଟିଯାଏ କି ! ଇସ.... ସ୍ୱାମୀଙ୍କ ମନଭିତରୁ ବାଷ୍ପଭର୍ତ୍ତି ଫେଣତକ ଯାହା ଉତୁରିଥିଲା । ଭିତରେ ତ ପରସ୍ତ ପରସ୍ତ ଅନ୍ଧାର ।

ଟିଭି ପରଦାରେ ଏକ ରେଖାଙ୍କିତ ଅବୟବ ଉପରେ ଗୋଟେ ପଣତର ଛାୟାଚିତ୍ର । ଯୋଡ଼ା ଯୋଡ଼ା ଆଖିଙ୍କର ବିଭୋରପଣ ।

ସ୍ତ୍ରୀ ମନଟା ଓଦା ହୋଇଗଲା ଏକ ବିଚିତ୍ର ଅନୁଭୂତିରେ । ଆହା... ଏ ଅସହାୟ, ଆତ୍ମକୈନ୍ଦ୍ରିକ ମନଟାକୁ କେବଳ ଦୟା କରାଯାଇପାରେ ।


ଆହୁରି ଉଷୁମଥିବା ଅଧା ଚା' କପକୁ ସ୍ୱାମୀ ହାତକୁ ବଢ଼େଇଦେଇ ସ୍ତ୍ରୀ ଭାରି ନିର୍ଲିପ୍ତ କଣ୍ଠରେ କହିଲା, 'ସବୁ ଚିତ୍ତ ସବୁବେଳେ ସ୍ୱଚ୍ଛ, ନିଷ୍କପଟ, ମହନୀୟ । ଯେତକ ଗୁଣ, ଅବିଗୁଣ ମନରେ ଥାଏ । ଆଉଟିକେ ଆଗରୁ, ବୟସ ଥାଉଥାଉ ହେଲେ ଏ ଚିତ୍ତକୁ ପାଳିଥାନ୍ତି, ପୁରୁଷର ଏତେପ୍ରକାର ଦୁର୍ଲଭଗୁଣକୁ ପ୍ରତ୍ୟକ୍ଷ ଅନୁଭବ କରିଥାନ୍ତି ।

ଏବେ ତ ସବୁଜାଗାରେ ମୁଁ ବୟସ୍କାନାରୀ ହିସାବରେ ଯାଉଛି । ପୁରୁଷମାନଙ୍କ ମନକଥା ତମେ ଭଲରେ କହିପାରିବ କିନ୍ତୁ ଏଇ ବୟସରେ ନାରୀମନରେ ମାତୃସୁଲଭ ସତ୍ତାଟି ହିଁ ଅଧିକ ସକ୍ରିୟ ଥାଏ ।

ଚା' ବୋଧେ ଥଣ୍ଡା ହୋଇଯାଇଥିଲା । କପ୍‌ଟି ସ୍ୱାମୀଙ୍କ ହାତରୁ ନେଉ ନେଉ ହସିଦେଇ ସ୍ତ୍ରୀ କହିଲା, 'ତୁମ ପାଖେ ନୁହେଁ ମ ।'

*–ସିଡିଏ, କଟକ,ମୋ: ୯୪୩୭୨୯୬୭୭୬*





# ଯାହା ଭାବି ନ ଥିଲେ ବାଣୀ..



ବାଣୀ

ବେଳେବେଳେ ମଣିଷ ଯାହା ଭାବେ ତାହା ସତରେ ପରିଣତ ହୋଇଯାଏ। ବଡ଼ ପରଦାରେ ଆସିବାର ଇଚ୍ଛା ତ ତାଙ୍କର ଥିଲା। ଆଉ ତାହା ସତ ହେବାକୁ ଯାଉଥିଲା। ତେଣୁ ସେ ବହୁତ ଖୁସି ଥିଲେ। ହେଲେ ଯଶରାଜ ଫିଲ୍ମସ ବ୍ୟାନରରୁ ଯେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହେବ-ଏକଥା ସେ କେବେ ଚିନ୍ତା କରି ନ ଥିଲେ। ଫିଲ୍ମଟି ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ମନୀଷ ଶର୍ମା। ସୁଶାନ୍ତ ସିଂ ରାଜପୁତ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ପରିଣୀତି ଚୋପ୍ରା ନାୟିକା ଥିଲେ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ଏ ବିଷୟରେ ବାଣୀ କହନ୍ତି, ''ଏହି ଅଫରଟି ମୋ ପାଇଁ ନିଶ୍ଚୟ ଏକ ସରପ୍ରାଇଜ ଥିଲା। ଯାହାହେଉ ମୋତେ ଯେଉଁ ଭୂମିକାଟି ମିଳିଥିଲା ତାହାକୁ ଠିକ୍ ଭାବରେ ତୁଲାଇ ପାରିଥିଲି। ବାକି ରହିଲା ପୁରସ୍କାର କଥା। ଏହି ଆୱାର୍ଡ ମୋତେ ଆକ୍ଟିଂକୁ କ୍ୟାରିୟର କରିବାକୁ ବେଶ୍ ଅନୁପ୍ରାଣିତ କରିଥିଲା। ଏନେଇ ଏହାର ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ବାଣୀ, ଟୁରିଜମ୍‌ରେ ଡିଗ୍ରୀ ହାସଲ କରିଥିଲେ। ତା'ପରେ କେତୋଟି ଟିଭି ସିରିଜ୍‌ରେ ଅଭିନୟ କରିବା ପରେ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା।

# ମୁରବିଙ୍କ ମନ କଥା

ପ୍ରତ୍ୟେକ ପରିବାରରେ ମୁରବିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ମୁରବିଙ୍କ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମୁରବି'। ମେଣ୍ଟିସ ଫିଲ୍ମସ ନିବେଦିତ ଏହି ପ୍ରଥମ ଫିଚର ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଦୁଇ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ଓ ଚୌଧୁରୀ ଜୟପ୍ରକାଶ ଦାସ। ଉଦିତ ଗୁରୁ, ପ୍ରସେନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ଅନ୍ୟାନ୍ୟ ଭୂମିକାରେ ଅଛନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଲ ମୌର୍ଯ୍ୟ। ଏହି ଯୋଡିଙ୍କ ଦ୍ୱାରା ପ୍ରସ୍ତୁତ ତଥା ବାବୁସାନ୍‌ଙ୍କ ଅଭିନୀତ 'ଦମନ' ବକ୍ସ ଅଫିସରେ ବ୍ଲକ୍ ବଷ୍ଟର ସାବ୍ୟସ୍ତ ହୋଇଥିଲା। 'ମୁରବି'ର ପ୍ରଯୋଜକ ହେଉଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର। ନିର୍ଦ୍ଦେଶନା ଦେଉଛନ୍ତି 'ଡାଲଚିନି' ଓ 'ଫାଲ୍‌ଗୁନ ଚୈତ୍ର' ଫେମ୍ ଯୋଡି ଶିଶିର କୁମାର ସାହୁ ଓ ପିନାକୀ ସିଂ। ସିନେମାଟୋଗ୍ରାଫିର ଦାୟିତ୍ୱ ତୁଲାଇଛନ୍ତି ଯୁଧିଷ୍ଠିର ବେହେରା। ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ରାଜଶ୍ରୀ ଫିଲ୍ମସ୍ ଏହାର ବିତରଣ ଦାୟିତ୍ୱ ବହନ କରିଛନ୍ତି।

# କାରଣ ଖୋଜୁଛନ୍ତି ଅମୀଷା

ଅମୀଷା ପଟେଲ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ରାକେଶ ରୋଶନଙ୍କ ପରି ନିର୍ଦ୍ଦେଶକ ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'କହୋ ନା ପ୍ୟାର ହୈ'। ରାକେଶଙ୍କ ପୁତ୍ର ହ୍ରିତିକ ଏହି ଫିଲ୍ମରୁ ବଲିଉଡ୍ ଡେବ୍ୟୁ କରିଥିଲେ। ଫିଲ୍ମଟି ସୁପରହିଟ୍ ହେଲା, ହେଲେ ଏହାର ସମସ୍ତ କ୍ରେଡିଟ୍ ହ୍ରିତିକ ନେଇଥିଲେ। ପରବର୍ତ୍ତୀ ସମୟରେ ଅମୀଷା 'ଗଦ୍ଦର-ଏକ ପ୍ରେମ କଥା' ପରି ହିଟ୍ ସିମୋରେ ଅଭିନୟ କରିଥିଲେ। କିନ୍ତୁ ଏହାର ସମସ୍ତ ଶ୍ରେୟ ନେଇଥିଲେ ସନି ଦେଓଲ। ଫଳରେ ନିଜକୁ ନାୟିକା ଦୌଡରେ ସାମିଲ କରିବାରେ ସେ ବିଫଳ ହୋଇଥିଲେ। ଏ ନେଇ ଅମୀଷା କହନ୍ତି, ''ମୋତେ କେତୋଟି ଭଲ ସିନେମା ମିଳିଥିଲା ଏକଥା ସତ, ହେଲେ ତାହାର ସବୁ କ୍ରେଡିଟ୍ ନାୟକମାନଙ୍କୁ ଯାଇଥିଲା। ନିଜକୁ ଜଣେ ଆଗଧାଡିର ନାୟିକା ଭାବରେ ଠିଆ କରିବାର ଆଶା ମୋର ଥିଲା। ହେଲେ କ'ଣ ହେବ? ଭାଗ୍ୟଦେବୀ ବୋଧହୁଏ ମୋ ପ୍ରତି ପ୍ରସନ୍ନ ନ ଥିଲେ। ତଥାପି ବଲିଉଡ୍ ମୋତେ ଯାହା ଦେଇଛି ସେଥିରେ ମୁଁ ଖୁସି।''



ଅମୀଷା

# ମିଳିଗଲା ଶୁଭଦିନ

ଯାହାହେଉ ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ନୂଆ ଓଡ଼ିଆ ସିନେମା 'ଲଢ଼େଇ' ପରଦା ଉପରକୁ ଆସୁଛି। ଚଳିତ ମାସ ୩୧ ତାରିଖରେ ଚିତ୍ରଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେନ୍‌ସର୍ ସାର୍ଟିଫିକେଟରେ ସମସ୍ୟା ପାଇଁ ଏହାର ରିଲିଜ ଡେଟ୍ (ଚଳିତ ବର୍ଷ ଦିପାବଳୀ) ଘୁଞ୍ଚିଥିଲା। ଶେଷରେ ସେନ୍‌ସର୍ ବୋର୍ଡ ଏହି ସିନେମାକୁ 'ଏ' ସାର୍ଟିଫିକେଟ ଦେଇଛି। ଏ ସମ୍ପର୍କରେ ଏହାର ପ୍ରଯୋଜକ ଦେବାଶିଷ ପଟ୍ଟନାୟକ କହନ୍ତି, 'ସେନ୍‌ସର୍ ସାର୍ଟିଫିକେଟ ପାଇଁ ଆମକୁ ଟିକେ ଅସୁବିଧା ହେଲା। ପାଖାପାଖି ୧୫ଦିନ ପରିଶ୍ରମ ସହ ପ୍ରାୟ ୫ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହେବାପରେ ଏବେ ସିନେମାଟି ଚଳିତ ମାସ ୩୧ ତାରିଖରେ ରିଲିଜ ହେବ। ନିକଟରେ ଆମେ ଏକ ଉତ୍ସବରେ ଜୀବନ ସହ ଅହରହ ସଂଘର୍ଷ କରିଆସୁଥିବା ୨୫ ଜଣ ଦିବ୍ୟାଙ୍ଗଙ୍କୁ ୨୫ଟି ଇଭି ସ୍କୁଟର ପ୍ରଦାନ କରିବା ସହ ରିଲିଜ ଡେଟ୍ ଘୋଷଣା କରିଛୁ।'' ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ନବାଗତ ଯୋଡି ଲୋହିତାକ୍ଷ-ଅଭିଲିପ୍ସାଙ୍କ ବ୍ୟତୀତ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଚିତ୍ରଟିର ବିତରଣ ଦାୟିତ୍ୱ ନେଇଛନ୍ତି ପ୍ରକାଶ ଫିଲ୍ମସ।



'ଲଢ଼େଇ' ଫିଲ୍ମରେ ଲୋହିତାକ୍ଷ-ଅଭିଲିପ୍ସା

# କେବଳ ଧର୍ମପତ୍ନୀଙ୍କ ପାଇଁ...

ଆୟୁଷ୍ମାନ ଖୁରାନା ଅଭିନୟରେ କେତେ ଦକ୍ଷ ତାହା କହିବା ବାହୁଲ୍ୟ। ଭିନ୍ନ ଭିନ୍ନ ଭୂମିକାରେ ସେ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ହେଲେ ଏପରି ଲୋକପ୍ରିୟତା ପାଇବା ଲାଗି ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡିନାହିଁ। ଅଭିନୟ ଜୀବନକୁ ବେଶ୍ ସୁରୁଖୁରୁରେ ଆଗେଇନେବା ପଛରେ ଜଣଙ୍କର ହାତ ରହିଛି ବୋଲି ସେ କହନ୍ତି। ହେଲେ ସେ କିଏ? କାହା ପାଇଁ ଆଜି ସେ ବଲିଉଡ୍‌ରେ ତିଷ୍ଠି ରହିଛନ୍ତି? ସେ ହେଉଛନ୍ତି ତାଙ୍କର ଧର୍ମପତ୍ନୀ ତାହିରା କାଶ୍ୟପ। ଏ ବିଷୟରେ ଆୟୁଷ୍ମାନ କହନ୍ତି, ''ମୁଁ ଯେତେବେଳେ ମ୍ୟାରେଜ କଲି ସେତେବେଳେ ମୋ ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନ ଥିଲା। ଥିଏଟର ନାଟକରେ ଅଭିନୟ କରି ଯେତିକି ପାରିଶ୍ରମିକ ମିଳୁଥିଲା ସେଥିରେ ଦୁହେଁ ଚଳିଯାଉଥିଲୁ। ଏଭଳି ଘଡିସନ୍ଧି ସମୟରେ ମୁଁ ପ୍ରାୟ ଭାଙ୍ଗିପଡିଥିଲି କହିଲେ ଭୁଲ୍ ହେବ ନାହିଁ। ହେଲେ ସେତେବେଳେ ତାହିରା ମୋ ପଛରେ ଛାଇ ପରି ଠିଆ ହୋଇଥିଲେ। ତାଙ୍କର ସପୋର୍ଟ ପାଇଁ ହିଁ ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।'' ଆୟୁଷ୍ମାନଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର୍'। ଦୀର୍ଘ ୧୩ ବର୍ଷର କ୍ୟାରିୟରରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି-'ମେରି ପ୍ୟାରି ବିନ୍ଦୁ', 'ଅନ୍ଧାଧୂନ', 'ବଧାଇ ହୋ', 'ଡ୍ରିମ ଗର୍ଲ', 'ବାଲା', 'ଡକ୍ଟରଜୀ' ଏବଂ 'ଡ୍ରିମ ଗର୍ଲ ୨'।



ଆୟୁଷ୍ମାନ

# ସେହି ଆଠ ବର୍ଷ..

ବଲିଉଡ୍‌ରେ ତବୁ ହେଉଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ଜଣେ ଶିଶୁ କଳାକାର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ଦେବାନନ୍ଦଙ୍କ 'ହମ୍ ନୌଜୱାନ' ଫିଲ୍ମରେ ସେ ତାଙ୍କର ଝିଅ ଭୂମିକାରେ ଅଭିନୟ କରିଥିଲେ। ପରେ ବୋନି କପୁରଙ୍କ 'ପ୍ରେମ୍'ଚଳଚ୍ଚିତ୍ରରେ ସଞ୍ଜୟ କପୁରଙ୍କ ଅପୋଜିଟରେ ତାଙ୍କୁ ନାୟିକା ସାଜିବାରେ ସୁଯୋଗ ମିଳିଥିଲା। ହେଲେ ଏହି ଫିଲ୍ମର ସମସ୍ତ କାମ ଶେଷ ହୋଇ ରିଲିଜ ହେଲା ବେଳକୁ ଆଠବର୍ଷ (୧୯୮୭-୧୯୯୫) ଲାଗିଯାଇଥିଲା। ଏହା ଭିତରେ ତବୁଙ୍କ ଅଭିନୀତ ତେଲୁଗୁ ସିନେମା ଏବଂ ଦୁଇଟି ହିନ୍ଦୀ ଫିଲ୍ମ'ପେହ୍‌ଲା ପେହ୍‌ଲା ପ୍ୟାର' ଏବଂ 'ବିଜୟପଥ' ରିଲିଜ ହୋଇସାରିଥିଲା। ପ୍ରେମ୍ ଯେତେବେଳେ ରିଲିଜ ହେଲା ତାହା ବକ୍ସ ଅଫିସରେ ଫ୍ଲପ୍ ହେଲା। ଏ ସମ୍ପର୍କରେ ତବୁ କହନ୍ତି, ''ବୋନି କପୁରଙ୍କ 'ପ୍ରେମ୍'କୁ ଦର୍ଶକ ଗ୍ରହଣ କରି ନ ଥିଲେ। କିନ୍ତୁ 'ବିଜୟପଥ' ହିଟ୍ ହେବା ପରେ ମୁଁ ଗୋଟିଏ ପରେ ଗୋଟିଏ ସିନେମାରେ କାମ କରିଚାଲିଛି।'' ୧୯୯୭ ମସିହାରେ 'ମାଚିସ୍' ସିନେମା ପାଇଁ ଏବଂ ୨୦୦୩ରେ 'ଚାନ୍ଦିନୀବାର୍' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।



ତବୁ

# ଅଧା ରହିଗଲା ଆଶା

ପ୍ରିୟଙ୍କା ଚୋପ୍ରା ଯଦି ଅଭିନୟ ଦୁନିଆରେ ପାଦ ଦେଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ପାଠ ପଢ଼ିବା ପରେ ସେ ଜଣେ ଏରୋନୋଟିକ ଇଞ୍ଜିନିୟର ହେବାକୁ ଆଶା ରଖିଥିଲେ। ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା। ୨୦୦୦ ମସିହାରେ ସେ ମିସ୍ ୱାର୍ଲ୍ଡ ଟାଇଟଲ ଜିତିବା ପରେ ଅଭିନୟ ଆଡକୁ ତାଙ୍କର ମନ ଢଳିଥିଲା। ୨୦୦୨ରେ ତାମିଲ ଫିଲ୍ମ 'ଥାମ୍ମିଜାନ୍'ରୁ ସେ ନିଜର ଆକ୍ଟିଂ ଡେବ୍ୟୁ ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମା 'ଦ ହୀରୋ : ଏ ଲଭ୍ ଷ୍ଟୋରି ଅଫ ଏ ସ୍ପାଏ' ରିଲିଜ ହୋଇଥିଲା। ତା'ପରେ ସେ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରିଚାଲିଲେ। ବେଶ୍ କିଛି ବର୍ଷ ବଲିଉଡ୍‌ରେ ରାଜ୍ କରିବା ପରେ ସେ ହଲିଉଡ୍ ମୁହାଁ ହୋଇଥିଲେ। ସେଠାରେ ସେ ନିକ୍ ଜୋନାସଙ୍କୁ ବିବାହ କରିବା ପରେ ଏବେ ହଲିଉଡ୍ ସହ ଜଡିତ ଅଛନ୍ତି। ତେବେ ନିଜ ଅଧା ରହିଯାଇଥିବା ଆଶା ବିଷୟରେ ପ୍ରିୟଙ୍କା କହନ୍ତି, ''ପାଠ ପଢ଼ିବା ସମୟରେ ଭବିଷ୍ୟତରେ ଜଣେ ଏରୋନୋଟିକ ଇଞ୍ଜିନିୟର ହେବାକୁ ଇଚ୍ଛା ଥିଲା। କିନ୍ତୁ ତାହା ଆଶାରେ ହିଁ ରହିଯାଇଥିଲା। ମିସ୍ ୱାର୍ଲ୍ଡ ଟାଇଟଲ ଜିତିବା ପରେ ମୁଁ ଆକ୍ଟିଂକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲି। ଆଉ ତା'ପରେ ଯାହା ଘଟିଲା ସେ ବିଷୟରେ ସମସ୍ତେ ଜାଣନ୍ତି।'' ଅଭିନୟ ବ୍ୟତୀତ ତାଙ୍କର ଲେଖାଲେଖିରେ ଦକ୍ଷତା ରହିଛି। ଯୁବାବସ୍ଥାରେ ସେ 'ଦ ପ୍ରିୟଙ୍କା ଚୋପ୍ରା କଲମ୍'ରେ ଅନେକ ଆର୍ଟିକିଲ ଲେଖିଛନ୍ତି। କେବଳ ସେତିକି ନୁହେଁ, 'ଅନ୍‌ଫିନିସଡ୍' ନାମକ ଏକ ଆତ୍ମଜୀବନୀରେ ସେ ନିଜ ଜୀବନର ଅନେକ ରୋଚକ କଥା ଲିପିବଦ୍ଧ କରିଛନ୍ତି।



ପ୍ରିୟଙ୍କା

ପ୍ରଥମ ରୋଜଗାର

# ବାପାଙ୍କୁ ପ୍ୟାଣ୍ଟଶାର୍ଟ କପଡ଼ା ଓ ମା'ଙ୍କୁ ଶାଢ଼ି ଦେଇଥିଲି



କବି **ବିମଳା ସିଂହ**ଙ୍କ ପ୍ରଥମ ରୋଜଗାର ସମ୍ପର୍କରେ...

**ଭ**ଦ୍ରକ ଜିଲାର ସନ୍ଥିଆରେ ତାଙ୍କ ଜନ୍ମ। ବାପା ରାମେଶ୍ୱର ସିଂହ ଥିଲେ ଜଣେ ପ୍ରାଣୀ ଚିକିତ୍ସକ ଆଉ ମା' ରତ୍ନମଞ୍ଜରୀ ସିଂହ ଜଣେ ସାମାଜିକ କର୍ମୀ। ଚାକିରି କ୍ଷେତ୍ରରେ ବାପାଙ୍କର ଯେହେତୁ ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା, ସେହି ଅନୁଯାୟୀ ତାଙ୍କର ପାଠପଢ଼ା ବି ବିଭିନ୍ନ ସ୍କୁଲ୍‌ରେ ହୋଇଥିଲା। ତେବେ ବାଲେଶ୍ୱରସ୍ଥିତ ନୀଳଗିରି ଉଚ୍ଚ ବିଦ୍ୟାଳୟରୁ ଏକାଦଶ ପାସ୍ କରିବା ପରେ ସେ ଏଫ୍‌ଏମ୍ କଲେଜରେ ପ୍ରି-ପ୍ରଫେଶନାଲ୍ ଏବଂ କେକେଏସ୍ ଓମେନ୍ସ କଲେଜରେ ପ୍ରି-ୟୁନିଭର୍ସିଟି କରିଥିଲେ। ପାଠରେ ସେ ଯେମିତି ଭଲ ଥିଲେ, ନାଚ, ଗୀତ, ଅଭିନୟରେ ବି ସେମିତି ପାରିବାର ଥିଲେ। ଯେଉଁଥିପାଇଁ କୋଦଳା ଉଚ୍ଚ ବାଳିକା ବିଦ୍ୟାଳୟର ମ୍ୟାନେଜ୍‌ମେଣ୍ଟ ତରଫରୁ ତାଙ୍କୁ ଶିକ୍ଷକତା କରିବାକୁ ଚୟନ କରାଗଲା। ୧୯୭୩ ଅକ୍ଟୋବର ୨୬ରେ ସେ ଉକ୍ତ ବିଦ୍ୟାଳୟରେ ଯୋଗଦେଲେ। ତିନିମାସ ପରେ ମ୍ୟାନେଜ୍‌ମେଣ୍ଟ ତରଫରୁ ତାଙ୍କୁ ମାସକୁ ୨୨୦ ଟଙ୍କା ଲେଖା ଏକାଠି ତିନି ମାସର ଦରମା ମିଳିଲା ; ଯାହାକି ଥିଲା ତାଙ୍କ ଜୀବନର ପ୍ରଥମ ରୋଜଗାର। ସେହି ଟଙ୍କାରୁ କିଛି ନେଇ ସେ ତାଙ୍କ ବାପାଙ୍କୁ ହଳେ ପ୍ୟାଣ୍ଟଶାର୍ଟ କପଡ଼ା ଓ ମା'ଙ୍କୁ ଶାଢ଼ି ଦେଇଥିଲେ। ଆଉ ଯାହା ଟଙ୍କା ବଳିଥିଲା, ସେଥିରେ ତାଙ୍କ ବାପା ନିଜର କିଛି ଟଙ୍କା ମିଶାଇ ବିମଳାଙ୍କ ପାଇଁ ଗୋଟେ ସୁନା ମୁଦି ଓ ହଳେ କାନଫୁଲ କିଣି ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ୧୯୯୭ ଯାଏ ସେ ଶିକ୍ଷକତା କରିଥିଲେ। ଆଉ ତା'ରି ଭିତରେ ପ୍ରାଇଭେଟ୍‌ରେ ପରୀକ୍ଷା ଦେଇ ସେ ବି.ଏ. ଓ ପି.ଜି. ସାରିବା ପରେ ଇନ୍ ସର୍ଭିସ୍‌ରେ ବି.ଏଡ୍. କରିଥିଲେ। ଆଉ ତା'ସହିତ ପିଏଚ୍.ଡି. ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ତା'ପରେ ତାଙ୍କର ଫତେଗଡ଼ ଉଚ୍ଚ ବିଦ୍ୟାଳୟକୁ ବଦଳି ହେଲା। ପରେ ପରେ ଆଉ ୨/୩ଟି ବିଦ୍ୟାଳୟକୁ ବି ତାଙ୍କର ବଦଳି ହୋଇଥିଲା। ଶେଷରେ ଜୁଲାଇ ୨୦୧୩ରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡଗିରିରୁ ସେ ଅବସର ନେଲେ। ଚାକିରି ବ୍ୟତୀତ ଲେଖାଲେଖିରେ ବି ବିମଳା ବେଶ୍ ସକ୍ରିୟ। ୬ଷ୍ଠ ଶ୍ରେଣୀରୁ ସେ ଲେଖି ଆସୁଛନ୍ତି। ଲେଖାଲେଖି ହେଉକି ନାଚ, ଗୀତ ତାଙ୍କୁ ତାଙ୍କ ବାପାମା'ଙ୍କଠାରୁ ଆଶୀର୍ବାଦ ଆକାରରେ ମିଳିଥିବା ସେ ପ୍ରକାଶ କରନ୍ତି। କାରଣ ତାଙ୍କ ବାପା ବି ଲେଖାଲେଖି କରୁଥିଲେ ଆଉ ମା' ଭଲ ଗୀତ ଗାଉଥିଲେ। ମୁଖ୍ୟତଃ ଗୀତିକବିତା ଲେଖିବାରେ ବିମଳାଙ୍କର ପାରଦର୍ଶିତା ରହିଛି। ଭଜନ ବି ଲେଖନ୍ତି। ୨୦୧୦ରୁ ପ୍ରବନ୍ଧ ଲେଖିବା ଆରମ୍ଭ କରିଛନ୍ତି। ତାଙ୍କ ଲେଖାଗୁଡ଼ିକ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାରେ ବି ପ୍ରକାଶ ପାଇଛି। 'ପ୍ରୀତି ପାର୍ବଣ', 'ଚୋରା ଚଇତି', 'ଝରା ଶ୍ରାବଣ' (ଆଧୁନିକ ଗୀତି କବିତା ସଂକଳନ) 'ପ୍ରୀତି ଅର୍ଚ୍ଚନା' (ଭକ୍ତିମୂଳକ ଗୀତିକବିତା ସଂକଳନ), 'ରାସ୍ତା' (ମୁକ୍ତ ଛନ୍ଦ କବିତା ସଂକଳନ) 'ବିମଳା ସିଂହଙ୍କ ପ୍ରବନ୍ଧ ସମଗ୍ର' ଆଦି ହେଉଛି ତାଙ୍କ ରଚିତ କେତୋଟି ପୁସ୍ତକ। ଏସବୁ ବ୍ୟତୀତ 'ଗୋଧୂଳି' ପତ୍ରିକାର ମଧ୍ୟ ସେ ସମ୍ପାଦିକା। ଏହି ପତ୍ରିକାଟି ହେଉଛି ତାଙ୍କର ମାନସ ପୁତ୍ରୀ। ଏହା ୨୦୧୦ ମସିହା ରଥଯାତ୍ରାରୁ ୬୦ ପୃଷ୍ଠାରୁ ଆରମ୍ଭ ହୋଇ ଏବେ ୩୫୦ ପୃଷ୍ଠାରେ ପହଁଞ୍ଚିପାରିଛି। ସେହିପରି ସ୍କୁଲ ନାଟକରୁ ବିମଳାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇ କ୍ରମେ ଧାରବାହିକ ଓ ଚଳଚ୍ଚିତ୍ର ଜଗତକୁ ବି ଛୁଇଁଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଏଇ ସଂଘର୍ଷ, କାଳିଆ ଭରସା, ରଜନୀଗନ୍ଧା, ମୁନା ଏ ଲଭ୍ ଷ୍ଟୋରୀ ଏବଂ ସମୁଦ୍ରର କ୍ଷୁଧା(ଆର୍ଟ ଫିଲ୍ମ) ଆଦି ଚଳଚ୍ଚିତ୍ର ତଥା ପଣତକାନି, ବହୁ ଆଡ଼ମ୍ବରେ ଲଘୁକ୍ରିୟା, ବଡ଼ ଘର ବଡ଼ ଗୁମର କଥା ଆଦି ଧାରାବାହିକରେ ସେ ନିଜ ଅଭିନୟର ଛାପ ଛାଡିଛନ୍ତି। ଏଥିସହିତ ରଜନୀଗନ୍ଧା ଚଳଚ୍ଚିତ୍ରରେ ସେ ସହ-ନିର୍ଦ୍ଦେଶନା ବି ଦେଇଛନ୍ତି। ଏହାଛଡ଼ା ଦୂରଦର୍ଶନର ଅଡିସନ୍ ଆର୍ଟିଷ୍ଟ ଭାବରେ ସେ କେତୋଟି ଧାରାବାହିକରେ ବି କାମ କରିଛନ୍ତି। ବୟସର ଅପରାହ୍ନରେ ପହଞ୍ଚି ମଧ୍ୟ ଏବେ ବି ସେ ବେଶ୍ କର୍ମତତ୍ପର। ଲେଖାଲେଖି ଜାରି ରଖିବା ସହ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ରହି ସେ ଦିଗରେ ଅନେକ ଉନ୍ନତିମୂଳକ କାମ କରି ଚାଲିଛନ୍ତି।

*-ଅନ୍ୱିତା*

# କାଲୁଆ ଶୀତକୁ ଅଳପ ଖରା, ଚତୁରୀ ରାଧିକା ନ ଦିଏ ଧରା

ସାଥୀ



**ପ୍ରଶ୍ନ :** ମୋ ମନର ମାନସୀ ଭାରି ଚତୁରୀ। ସେ ସହଜରେ ମୋତେ ଧରା ଦେଉନି। କ'ଣ କରିବି ?

*-ତନ୍ମୟ କୁମାର ଦାସ, ତାଳଚେର*

**ଉତ୍ତର :** 'କାଲୁଆ ଶୀତକୁ ଅଳପ ଖରା, ଚତୁରୀ ରାଧିକା ନ ଦିଏ ଧରା।' ପ୍ରେମରେ ଲୁଚକାଳି ଖେଳର ମଜା ନିଆରା। ଏହା ଭିତରେ ପ୍ରେମର ଅସଲ ମଜା ଲୁଚି ରହିଛି। ଆପଣଙ୍କ ମନର ମାନସୀ ସହଜରେ ଧରା ଦେଉନି। ଯେତେବେଳେ ହେଲେ ତ ଭେଟ ହେଉଥିବ। ସେହି ସମୟରେ ସୁନେଲି ମୁହୂର୍ତ୍ତକୁ ଟିକେ ତର୍ଜମା କରନ୍ତୁ ନା !

**ପ୍ରଶ୍ନ :** ଜଣେ ଝିଅ ସବୁବେଳେ ଲାଜେଇ ଲାଜେଇ ହସୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*-ଅନିକେତ ସାହୁ, କଟକ*

**ଉତ୍ତର :** ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ। ଏହି ହସ କେତେବେଳେ ମିଠା ଲାଗେ ତ କେତେବେଳେ ମନରେ ବିଷ ଭରିଦିଏ। ତେବେ ତାହାର ଭିତିରି କଥାକୁ ମଗଜ ଖଟାଇ ପଢ଼ିପାରିଲେ ହେଲା। ସେହି ହସକୁ ଯଦି ଠିକ୍ ଭାବରେ ତର୍ଜମା ନ କରି ତା' ସୁଅରେ ଭାସି ଯାଆନ୍ତି, ତେବେ ଅଧା ବାଟରେ ଦିଗହରା ନାବିକ ପରି ବାଟ ଖୋଜି ବୁଲୁଥିବେ। ତେଣୁ ସେହି ସୁନ୍ଦରୀ ହସରୁ ଯଦି ପ୍ରେମର ପ୍ରାକ୍ ସୂଚନା ପାଉଛନ୍ତି ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ହୁଏତ ଚାନ୍ସଟା ଆଉ କିଏ ମାରିନେଇପାରେ !

**ପ୍ରଶ୍ନ :** ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। କ'ଣ କରିବି ?

*-ବିସ୍ମୟ ପ୍ରଧାନ, କେନ୍ଦ୍ରାପଡ଼ା*

**ଉତ୍ତର :** କଥାରେ ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ :** ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି। କିନ୍ତୁ କହୁନି କାହିଁକି ?

*-ଅମନ, ଭୁବନେଶ୍ୱର*

**ଉତ୍ତର :** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !


**ପ୍ରଶ୍ନ :** ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*-ବିକାଶ କୁମାର, ରାଉରକେଲା*


**ଉତ୍ତର :** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି-ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

# ୱିଣ୍ଟ-ର ଜୁତି

**ଶୀତଦିନେ ଆଉଟ୍‌ଫିଟ୍ ସହିତ ଫୁଟୱେର୍ ଉପରେ ବି ବିଶେଷ ଧ୍ୟାନ ଦେବାକୁ ହୋଇଥାଏ। ଏଦିନେ ଏଭଳି ଫୁଟୱେର୍ ପିନ୍ଧିବା ଆବଶ୍ୟକ; ଯାହା ପାଦକୁ ଥଣ୍ଡା ଦାଉରୁ ରକ୍ଷା ଦେବା ସହ ଷ୍ଟାଇଲିଶ୍ ଲୁକ୍ ଦେଉଥିବ ଯେମିତିକି ସ୍ନିକର୍ସ, ଆଙ୍କେଲ୍ ବୁଟ୍, ୱେଦରପ୍ରୁଫ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଏସବୁ ବ୍ୟତିତ ଏମିତି କିଛି ଜୁତି ବି ରହିଛି; ଯାହାକୁ ଶୀତଦିନେ ପିନ୍ଧିଲେ ପାଦକୁ ସୁନ୍ଦର ମାନିବା ସହ ଟ୍ରେଣ୍ଡି ଲୁକ୍ ମିଳିଥାଏ..**



✲ **ପଞ୍ଜାବୀ ଜୁତି:** ଏହା ପଞ୍ଜାବର ଏକ ପାରମ୍ପରିକ ଜୋତା ; ଯାହାକୁ ମୋଜରୀ ବୋଲି ବି କୁହାଯାଇଥାଏ । ଏହାକୁ ପିନ୍ଧିଲେ ପାଦର ଆଙ୍ଗୁଠି ସହ ଗୋଇଠି ବି କଭର୍ ହୋଇ ରହେ । ଝିଅମାନେ ଚାହିଁଲେ ଶୀତଦିନେ ଏହି ଟାଇପ୍‌ର ଜୁତିକୁ ଟ୍ରାଏ କରି ପାଦକୁ ଶୀତରୁ ରକ୍ଷା କରିବା ସହ ଟିକେ ଭିନ୍ନ ଲୁକ୍ ବି ପାଇପାରିବେ । ସାଲଓ୍ବାର୍ ସୁଟ୍, ପଟିଆଲା ସୁଟ୍ ସାଙ୍ଗେ ଏହି ଜୁତି ଖୁବ୍ ସୁନ୍ଦର ମାନିଥାଏ ।



✲ **ଭେଲ୍‌ଭେଟ୍ ଜୁତି:** ଅଲ୍‌ଟାଇମ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ଆଉଟ୍‌ଫିଟ୍ । ଖାସ୍‌କରି ଶୀତଦିନେ ପିନ୍ଧିବା ପାଇଁ ଭେଲ୍‌ଭେଟ୍‌ଠାରୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ । ତେବେ ଏହାର ଯେ କେବଳ ଆଉଟ୍‌ଫିଟ୍ ଆସେ ତାହା ନୁହେଁ, ଏହି ମ୍ୟାଟେରିଆଲ୍‌ର ଖୁବ୍ ସୁନ୍ଦର ସୁନ୍ଦର ଫୁଟ୍‌ୱେର୍ ବି ମିଳେ ; ଯାହାକୁ ପାର୍ଟି, ଫଙ୍କଶନ୍ ହେଉ ଅବା ଆଉଟିଂ ଏପରିକି ଅଫିସ୍‌କୁ ମଧ୍ୟ ପିନ୍ଧିକି ଯାଇହୁଏ । ଯେମିତିକି ଭେଲ୍‌ଭେଟ୍ ବୁଟ୍, ଭେଲ୍‌ଭେଟ୍ ଲୋଫର୍ସ, ଭେଲ୍‌ଭେଟ୍ ସ୍ନିକର୍ସ, ଭେଲ୍‌ଭେଟ୍ ଜୁତି ଇତ୍ୟାଦି । ଭେଲ୍‌ଭେଟ୍ ଜୁତିରେ ବେଶୀ ହିଲ୍ ନଥାଏ ସତ କିନ୍ତୁ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ । ଏହି ଟାଇପ୍‌ର ଜୁତିକୁ ଏଥ୍‌ନିକ୍ ଡ୍ରେସ୍ ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗେ । ବିଶେଷକରି କଳା, ସୁନେଲି, ନୀଳ, ଗୋଲାପୀ ତଥା ସବୁଜ ରଙ୍ଗର ଭେଲ୍‌ଭେଟ୍ ଜୁତିର ଅଧିକ ଚାହିଦା ରହୁଥିବା ଦେଖିବାକୁ ମିଳେ ।



✲ **ଆନିମଲ୍ ପ୍ରିଣ୍ଟ ଜୁତି:** ଆନିମଲ୍ ପ୍ରିଣ୍ଟର ଫ୍ୟାଶନ ବି କେବେ ଆଉଟ୍ ଡେଟେଡ୍ ହୁଏ ନାହିଁ । ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ପ୍ରିଣ୍ଟ । ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ହେଉ କି ହ୍ୟାଣ୍ଡବ୍ୟାଗ୍ ଯେମିତି ଟ୍ରେଣ୍ଡି ଲାଗେ ଏହାର ଫୁଟୱେର୍ ମଧ୍ୟ ଝିଅମାନଙ୍କୁ ସେମିତି ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଆଉ ଏହାକୁ ପାର୍ଟି, ଫଙ୍କସନ୍ ହେଉ କି ଅଫିସ୍ ଅଥବା କାଜୁଆଲ୍ ଆଉଟିଂରେ ଗଲାବେଳେ ଆରାମରେ କ୍ୟାରି କରିହୁଏ । ବିଶେଷକରି ଆନିମଲ୍ ପ୍ରିଣ୍ଟର ଜୁତି ଶୀତଦିନେ ଝିଅମାନଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ । ଏହାକୁ ଅଫିସ୍‌କୁ ମଧ୍ୟ ପିନ୍ଧିକି ଯାଇହୁଏ ।

✲ **ଉଲେନ୍ କଭର୍ଡ ଜୁତି:** ଶୀତଦିନେ ଆମେ ଏମିତି ଆଉଟ୍‌ଫିଟ୍ ଓ ଫୁଟ୍‌ୱେର୍ ପିନ୍ଧିବାକୁ ଇଚ୍ଛା କରିଥାଏ ; ଯାହା ଦେହ ସହ ପାଦକୁ ବି ପୁରା କଭର୍ କରିକି ରଖୁଥିବ । ଏ କ୍ଷେତ୍ରରେ ଷ୍ଟ୍ରାଇପ୍ସ ବାଲା ଉଲେନ୍ କଭର୍ଡ ଜୁତି ଏକ ବେଷ୍ଟ ଅପ୍ସନ ହୋଇପାରିବ । ଶୀତଦିନେ ଏହାକୁ ପିନ୍ଧିଲେ ପାଦକୁ ଉଷୁମ ଲାଗିବା ସହ ବେଶ୍ କମ୍ଫଟେବଲ୍ ଫିଲ୍ ହୋଇଥାଏ । ଏହି ଜୁତିକୁ ପିନ୍ଧି ଅନେକ ବାଟ ଚାଲି ମଧ୍ୟ ହେବ । ଅଫିସ୍ ଲୁକ୍ ପାଇଁ ଏହି ଟାଇପ୍‌ର ଜୁତି ପରଫେକ୍ଟ ହୋଇଥାଏ ।

✲ **ଜୁଟ୍‌ର ଜୁତି:** ଶୀତଦିନେ ଅଫିସ୍‌କୁ ଯଦି ଟିକେ ଫ୍ୟାଶନେବଲ୍ ଜୁତି ପିନ୍ଧିକି ଯିବାକୁ ଚାହୁଁଥାନ୍ତି, ତା'ହେଲେ ଜୁଟ୍‌ର ଜୁତି ଏକ ଭଲ ବିକଳ୍ପ ହୋଇପାରେ । ବିଶେଷକରି ୟଙ୍ଗ୍ ଗର୍ଲ୍ସଙ୍କ ପାଦକୁ ଟିକେ ପ୍ରିଣ୍ଟେଡ୍ ଡିଜାଇନ୍‌ର ଜୁଟ୍ ଜୁତି ଖୁବ୍ ସୁନ୍ଦର ମାନିଥାଏ । ପଟିଆଲା ସୁଟ୍ ସାଙ୍ଗେ ଏହି ଟାଇପ୍‌ର ଜୁତି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳେ । ଝିଅମାନେ ଚାହିଁଲେ ଜିନ୍ସ-ଟପ୍ସ ସାଙ୍ଗେ ବି ଏହାକୁ ପେୟାର୍ କରିପାରିବେ । ଯେହେତୁ ଏହି ଟାଇପ୍‌ର ଜୁତିରେ ଜୁଟ୍‌ର ବ୍ୟବହାର ହୋଇଥାଏ, ତେଣୁ ଏହାକୁ ଶୀତଦିନେ ପିନ୍ଧିଲେ ପାଦକୁ ବେଶ୍ ଉଷୁମ ଲାଗେ ।





## ହାଃ ହାଃ

### ଶୂନ

ସ୍ୱାମୀ ସ୍ତ୍ରୀକୁ: ଜାଣିଛ, ମତେ ଆଲ୍ଲାଦୀନର ଯାଦୁ ଚିରାଗ ମିଳିଯାଇଛି।
ସ୍ତ୍ରୀ: ସତ ! କ'ଣ ମାଗିଲ ଚିରାଗର ଜିନ୍‌କୁ ?
ସ୍ୱାମୀ: ମୁଁ କହିଲି ମୋ ସ୍ତ୍ରୀର ବୁଦ୍ଧିକୁ ୧୦ ଗୁଣ ବଢେଇ ଦିଅ।
ସ୍ତ୍ରୀ: ମୋ ବୁଦ୍ଧି ବଢିଲା କି ନାଇଁ ମୁଁ ତ ଜାଣିପାରୁନି।
ସ୍ୱାମୀ: ଜିନ୍ କହିଲା ଶୂନକୁ ଯେଉଁଥିରେ ବି ଗୁଣନ କଲେ ଶୂନ ହିଁ ଆସିବ। ସେଥିପାଇଁ ଏହା ଅସମ୍ଭବ।

### କେମିତି କଲୁ

ଜଜ୍ ଚୋରକୁ– ଘରେ ମାଲିକ ଥାଉ ଥାଉ ତୁ କେମିତି ଚୋରି କଲୁ ?
ଚୋର– ଆଜ୍ଞା, ଆପଣ ଭଲ ଚାକିରୀ କରିଛନ୍ତି, ଭଲ ଦରମା ପାଉଛନ୍ତି ଓ ଆପଣଙ୍କର ଅନେକ ମାନସମ୍ମାନ ବି ଅଛି। ଏଇ କଳା ଶିଖିକି ଆପଣ କ'ଣ କରିବେ ?

### ବିଏମ୍‌ଡବ୍ଲୁ

ହିମେଶ ମଦନକୁ– ବାହାଘରରେ ତତେ କ'ଣ ମିଳିଲା ?
ମଦନ– ବିଏମ୍‌ଡବ୍ଲୁ!
ହିମେଶ– ହେଲେ ତୋ ଘରେ ତ ମୁଁ ବିଏମ୍‌ଡବ୍ଲୁ କାର୍ ଦେଖିପାରିଲିନି।
ମଦନ– ଆରେ, ବିଏମ୍‌ଡବ୍ଲୁ ମାନେ 'ବହୁତ ମୋଟି ୱାଇଫ୍'।

### ନାଚୁଛନ୍ତି

ଘର ମାଲିକ ବ୍ୟକ୍ତିଙ୍କୁ– ଏ ଘରର ଭଡା ୭୦୦ଟଙ୍କା।
ବ୍ୟକ୍ତି–କ'ଣ ୭୦୦ ଟଙ୍କା ! ହେଲେ ଆପଣଙ୍କ ଘରେ ତ ଖାଲି ମୂଷା ନାଚୁଛନ୍ତି।
ଘର ମାଲିକ– ଏତିକି ଟଙ୍କାରେ ମୂଷା ନାଚିବେନି ତ କ'ଣ ସନି ଲିଓନି ଆସି ନାଚିବ।





# ଗଡ଼ରୋଡ଼ଙ୍ଗ...

ପାଇକ ବିଦ୍ରୋହ ଥିଲା ଭାରତ ଇତିହାସରେ ଏକ ରକ୍ତରଞ୍ଜିତ ଗଣସଂଗ୍ରାମ। ଏଥିରେ ଓଡ଼ିଆ ବୀର ପାଇକମାନଙ୍କ ବଳିଦାନ ଦେଶର ଅଗଣିତ ଜନତାଙ୍କୁ କରିଥିଲା ଦେଶପ୍ରେମରେ ଉଦ୍‌ବୁଦ୍ଧ । ସଂଗଠିତ ପାଇକ ବିଦ୍ରୋହର ଲେଲିହାନ ଶିଖାରେ ଦିନେ ଇଂରେଜ ସରକାର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ବିଦ୍ରୋହର ସ୍ୱତନ୍ତ୍ର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର। ସେ ଥିଲେ ଖୋର୍ଦ୍ଧା ରାଜାଙ୍କ ସେନାପତି, ପୁରୀ ଗଡ଼ରୋଡ଼ଙ୍ଗର ଜମିଦାର। ତାଙ୍କ ନେତୃତ୍ୱରେ ଇଂରେଜଙ୍କ ବିରୋଧରେ ୧୮୧୭ରେ ହୋଇଥିଲା ପାଇକ ବିଦ୍ରୋହ । ଇତିହାସରୁ ଜଣାପଡ଼େ ସେତେବେଳେ ଇଂରେଜ ସାହେବ କାପ୍ତାନ ୱେଲିଂଟନ କଟକରୁ ଇଂରେଜ ସୈନ୍ୟ ଦଳଙ୍କୁ ନେଇ ପୁରୀ ଆସୁଥିବା ବେଳେ ଖୋର୍ଦ୍ଧାରେ ୫୫୦ ସିପାହିଙ୍କୁ ଧରି ରହିଥିଲେ। ସେମାନଙ୍କ ନିକଟରେ ତୋପ ଓ ବନ୍ଧୁକ ଥିଲା। ଇଂରେଜ ସରକାରଙ୍କ କାପ୍ତାନ ଫାବର ଅନ୍ୟ କେତେଜଣ ସିପାହିଙ୍କୁ ଧରି ଦୋବନ୍ଧାଠାରୁ ପୁରୀ ଆଡ଼େ ଅଗ୍ରସର ହୋଇଥିଲେ। ଇତ୍ୟବସରରେ ବକ୍ସି ପୁରୀର ଆଖପାଖ ଅଞ୍ଚଳରେ ବିଦ୍ରୋହୀମାନଙ୍କୁ ଏକତ୍ରିତକରି ସୁକଳ ଗ୍ରାମରେ ଛାଉଣୀ ପକାଇଲେ। ଏପ୍ରିଲ ୧୨ ତାରିଖ ( ଖ୍ରୀ: ୧୮୧୭ରେ) ସନ୍ଧ୍ୟା ସମୟରେ ଲୋକନାଥ ଘାଟବାଟେ ବକ୍ସିଙ୍କ ପାଇକ ସୈନ୍ୟ ପୁରୀ ସହରରେ ପ୍ରବେଶ କରିଥିଲେ। ପାଇକମାନେ ରାତିରେ ପୁରୀ ସହରରେ ଥିବା ସରକାରୀ କଚେରି ଓ କୋଠାବାଡ଼ିକୁ ପୋଡ଼ିଦେଲେ। ଫଳରେ ପୁରୀରେ ରହୁଥିବା ଇଂରେଜ ହାକିମମାନେ ଭୟରେ ସମୁଦ୍ର କୂଳରେ ରହିଥିବା କେତୋଟି ସରକାରୀ ଘରେ ଲୁଚି ରହିଲେ। ରାଜା ମୁକୁନ୍ଦ ଦେବଙ୍କ ନଅରର ପାଇକମାନେ, ଶ୍ରୀଜଗନ୍ନାଥ ମନ୍ଦିର ସେବକମାନେ ଏବଂ ସହରର ଅନେକ ଲୋକ ଏଥିରେ ପାଇକମାନଙ୍କୁ ସାହାଯ୍ୟ କରିଥିଲେ। ଜାଗା ଆଖଡ଼ା ଘରେ ମଲ୍ଲମାନେ ପାଇକ ସଂଗ୍ରାମରେ ଯୋଗଦେଇଥିବାରୁ ଏହା ଆହୁରି ବ୍ୟାପକ ହୋଇଥିଲା। ପାଇକମାନଙ୍କ ରଣ ହୁଙ୍କାରରେ ଇଂରେଜ ସୈନ୍ୟ ଭୟଭୀତ ହୋଇଥିଲେ । ସେତେବେଳେ ମନ୍ଦିରର କେତେଜଣ ପଣ୍ଡା ଘୋଷଣାକଲେ, ଇଂରେଜ ରାଜତ୍ୱ ଶେଷହୋଇ ଖୋର୍ଦ୍ଧା ରାଜାଙ୍କ ଶାସନ ଚାଲୁହେଲା। ସେତେବେଳେ ବିଦ୍ରୋହୀମାନେ ପୁରୀ ସମୁଦ୍ର ବେଳାଭୂମି ଜଙ୍ଗଲରେ ଛାଉଣୀ ପକାଇଥିଲେ। ପାଇକମାନଙ୍କ ବିଦ୍ରୋହ ଯୋଗୁ ଇଂରେଜମାନେ ପୁରୀ ଛାଡ଼ି କଟକ ପଳାଇଥିଲେ।

ସେହିପରି ଇତିହାସରୁ ଜଣାପଡ଼େ ଗଜପତି ପୁରୁଷୋତ୍ତମ ଦେବଙ୍କ ୨୭ ଅଙ୍କ ଅର୍ଥାତ୍ ୧୬୨୦ରେ ଅନ୍ଧାରୀଗଡ଼ ସ୍ଥାପନା ହୋଇବେଳେ ୧୬୩୪ରେ ଗଡ଼ରୋଡ଼ଙ୍ଗ ସ୍ଥାପନା ହୋଇଥିଲା। କାଳକ୍ରମେ ୧୬୯୩ରେ ପାତ୍ର ଜଗନ୍ନାଥ ବିଦ୍ୟାଧର ମହାପାତ୍ର ଗଡ଼ରୋଡ଼ଙ୍ଗର ଗଡ଼ାଧୀଶ ହେଲେ। ବିଦ୍ୟାଧର ମହାପାତ୍ର ଗୋଟିଏ ରାଜକୀୟ ଉପାଧି ଥିଲା । ରୋଡ଼ଙ୍ଗ ଗଡ଼ାଧୀଶ ରାଜବଂଶୀ ଥିବାରୁ ଏହି ପଦବୀ ବ୍ୟବହାର କରନ୍ତି । ଗଜପତି ତାଙ୍କର ସେନାପତିଙ୍କୁ କାର୍ଯ୍ୟ ପାଇଁ ବକ୍ସି ପଦବୀ ଦେଉଥିଲେ । ତେଣୁ ଗଡ଼ରୋଡ଼ଙ୍ଗ ଗଡ଼ାଧୀଶଙ୍କ ନାମ ଆରମ୍ଭରୁ ବକ୍ସି ବ୍ୟବହାର ହେଉଥିଲା । ୧୭୬୦ ରୁ ଚବିଶକୁଦ ପ୍ରଗଣାର ୨୧ଟି ଗ୍ରାମ ରୋଡ଼ଙ୍ଗରେ ମିଶିଲା । ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର,ବକ୍ସି ବାସୁଦେବଙ୍କ ନାତି ଓ ବକ୍ସି ଗୋପୀନାଥ ଭ୍ରମରବର ରାୟଙ୍କ ପୁତ୍ର ଥିଲେ । ଜାତୀୟ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର ୧୭୯୦–୧୮୨୯ ପର୍ଯ୍ୟନ୍ତ ରହିଥିଲେ । ୧୯୦୮–୧୯୨୮ରେ ଲୋକନାଥ ବିଦ୍ୟାଧର ମହାପାତ୍ର ଗଡ଼ାଧୀଶ ଥିବାବେଳେ ସେ ନିଃସନ୍ତାନ ଥିଲେ । ତେଣୁ ହଳଦିଆ ଗଡ଼ର ପୀତବାସ ଭଞ୍ଜ ବୀରବର ଜଗଦେବଙ୍କ ପୁତ୍ରଙ୍କୁ ସେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରି ୧୯୨୮ରେ ବକ୍ସି ଜଗବନ୍ଧୁ ଭାବେ ଅଧିଷ୍ଠିତ କଲେ । ତାଙ୍କର ପୁତ୍ର ହେଉଛନ୍ତି ବକ୍ସି ଗୋପୀନାଥ ବିଦ୍ୟାଧର ମହାପାତ୍ର, ଜଗନ୍ନାଥ ବିଦ୍ୟାଧର ମହାପାତ୍ର, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର । କିନ୍ତୁ ପରମ୍ପରା ଅନୁଯାୟୀ ଚାରିପିଢ଼ି ପରେ ଦ୍ୱିତୀୟ ବକ୍ସିଙ୍କ ମୃତ୍ୟୁ ପରେ ତାଙ୍କର ବଡ଼ପୁଅ ଗୋପୀନାଥ ବର୍ତ୍ତମାନ ଗଡ଼ରୋଡ଼ଙ୍ଗର ଗଡ଼ାଧୀଶ ଭାବେ ଅଭିଷିକ୍ତ ଅଛନ୍ତି । ମାଦଳାପାଞ୍ଜିରେ ବର୍ଣ୍ଣିତ ଭୋଇବଂଶର ନରପତିମାନେ ପରମ୍ପରା ଅନୁଯାଇ ରୋଡ଼ଙ୍ଗ ବକ୍ସିଙ୍କ ଡାହାଣ ଜଘଂରେ ବସି ରାଜ ଅଭିଷେକ ହେବାର ପ୍ରଥା ପ୍ରଚଳିତ ଅଛି। ଅନ୍ୟପକ୍ଷେ ଗଡ଼ରୋଡ଼ଙ୍ଗ ବକ୍ସିଙ୍କ ଉଆସ ପରିସରରେ ମା' କନକଦୁର୍ଗାଙ୍କ ମନ୍ଦିର ଅବସ୍ଥିତ । ପ୍ରତିବର୍ଷ ଦଶହରା ଅବସରରେ ବକ୍ସି ଓ ଦଳବେହେରାଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ବିଧି ଅନୁସାରେ ୧୬ ପାଇକଙ୍କ ଘରୁ ପାଇକପୁଅ ଆସିଥାନ୍ତି। ଏହି ପର୍ବ ବେଳେ ରାତିରେ ଏକ ଦିହୁଡ଼ି ଜଳେ। ବିଧି ଅନୁସାରେ ଦଳବେହେରା ସେହି ଦିହୁଡ଼ି ଉପରକୁ ଲକ୍ଷ୍ୟକରି ଧନୁରୁ ୩ଟି ସର ନିକ୍ଷେପ କରିଥାନ୍ତି। ତାହା ଲକ୍ଷ୍ୟସ୍ଥଳେ ପହଞ୍ଚିଥାଏ। ବକ୍ସିଙ୍କ ତରଫରୁ ଏହି କାର୍ଯ୍ୟକ୍ରମର ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ।

–ସ୍ୱାଧୀନ ଚମ୍ପତିରାୟ





## ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର

# ବିଶାଖାପାଟଣା









ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ବଙ୍ଗୋପସାଗରର ଏକ ପ୍ରାକୃତିକ ସାମୁଦ୍ରିକ ବନ୍ଦର। ଏହି ବନ୍ଦରଟି ପ୍ରାକୃତିକ ସମ୍ପଦରେ ଭରପୂର, ଯାହା ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ମଧ୍ୟପ୍ରଦେଶର ବାଣିଜ୍ୟିକ ପୃଷ୍ଠ ପ୍ରଦେଶ ଭାବରେ ପରିଗଣିତ ହୋଇଥାଏ। କାରଣ ଏହି ବନ୍ଦରଟି ମାଛଧରା ଓ ବାଣିଜ୍ୟର ଏକ ମୁଖ୍ୟ ବିପଣନ କେନ୍ଦ୍ର। ଏଠାରୁ ମାଙ୍ଗାନିଜ ଏବଂ ରାଶି ଭଳି ଅନେକ ତୈଳବୀଜ ବିଦେଶକୁ ରପ୍ତାନି କରାଯାଇଥାଏ। ସେଥିପାଇଁ ଏଠାରେ ଅଏଲ ରିଫାଇନେରିଟିଏ ମଧ୍ୟ ରହିଛି। ଏହା ସରକାରଙ୍କ ଏକମାତ୍ର ସଂରକ୍ଷିତ ଉନ୍ନତ ବନ୍ଦର। ଏହା ଏତେ ଉନ୍ନତ ଯେ ଏଠାରେ ୧୦.୨୦ ମିଟର ଉଚ୍ଚତା ବିଶିଷ୍ଟ ପୋତ ମଧ୍ୟ ଆଶ୍ରୟ ନେଇପାରେ। ଏଠାରେ କେନ୍ଦ୍ର ସରକାରଙ୍କ ଜଳଯାନ (ପୋତ) ନିର୍ମାଣ କାରଖାନା ମଧ୍ୟ ରହିଛି। ୧୯୪୮ ମସିହାରେ ଭାରତର ପ୍ରଥମ ଆଧୁନିକ ଷ୍ଟିମର ଏଇଠି ତିଆରି ହୋଇଥିବାର ସୂଚନା ରହିଛି।

### ଏଠାରେ କ'ଣ ଦେଖିବେ

ବିଶାଖାପାଟଣା ଆନ୍ଧ୍ରପ୍ରଦେଶର ସର୍ବୋଚ୍ଚ ଲୋକସଂଖ୍ୟା ବିଶିଷ୍ଟ ସହର। ଏଠାରେ ପାହାଡ଼, ଜଙ୍ଗଲ, ବେଳାଭୂମିର ଅପୂର୍ବ ସୌନ୍ଦର୍ଯ୍ୟ ସାଙ୍ଗକୁ ଆହୁରି ଅନେକ କିଛି ଦେଖିବାକୁ ମିଳେ।

* ବିଶାଖାପାଟଣାର ସମସ୍ତ ବେଳାଭୂମି ମଧ୍ୟରେ ୟାରଡା ବେଳାଭୂମି ସବୁଠୁ ସୁନ୍ଦର। ଅଙ୍କାବଙ୍କା ତୀଖ ଏକପାଖିଆ ପାହାଡ଼ିଆ ରାସ୍ତାଦେଇ ଏଠାକୁ ଯିବାକୁ ହୁଏ। ତିନି ପଟରୁ ସୁଉଚ୍ଚ ସବୁଜ ପାହାଡ଼ ଘେରା ଏହି ବେଳାଭୂମିରେ ସମୁଦ୍ର ଲହଡ଼ିର ବେଗ ଅତ୍ୟନ୍ତ କ୍ଷିପ୍ର। ସେଥିପାଇଁ ଏହାର ଅତି ପାଖକୁ ଯିବା ମନା।

* ସ୍ଥାନୀୟ ଆର୍‌କେ ବେଳାଭୂମି ପର୍ଯ୍ୟଟକଙ୍କ ଅତି ପ୍ରିୟ। ସମୁଦ୍ର ଏଠାରେ ଅପେକ୍ଷାକୃତ ଶାନ୍ତ। ଏଠାରେ ବୋଟିଂ, ସ୍କୁବା ଡାଇଭିଂ, କାୟାକିଂ ଇତ୍ୟାଦି କରିବାର ସୁବିଧା ରହିଛି। ସନ୍ ବାଥ୍, ମସାଜ୍‌ର ବି ଏଠି ସୁବିଧା ରହିଛି। ନିକଟରେ ରହିଛି ନାଭାଲ୍ ମ୍ୟୁଜିୟମ, ଏୟାର କ୍ରାଫ୍ଟ ମ୍ୟୁଜିୟମ।

* ସ୍ଥାନୀୟ ଋଷିକୋଣ୍ଡା ବେଳାଭୂମି ଏକ ବ୍ଲୁ ଫ୍ଲାଗ୍ ବିଚ୍। ଏଠାରେ ବି ବୋଟିଂ, ସ୍କୁବା ଡାଇଭିଂ, କାୟାକିଂ ଇତ୍ୟାଦର ସୁବିଧା ରହିଛି।

* ଡଲ୍‌ଫିନ୍ ନୋଜ୍ ବତିଘର ଡଲ୍‌ଫିନ ଆକୃତିର ପାହାଡ଼ ଉପରେ ଅବସ୍ଥିତ। ଏହା ଏକ ସଂରକ୍ଷିତ ଅଞ୍ଚଳ ହୋଇଥିବାରୁ ପାହାଡ଼ ଉପରେ ଚଢ଼ିବା ପୂର୍ବରୁ ଏଠାରେ ଥିବା ସିକ୍ୟୁରିଟି ଅଫିସ୍‌ର ଅନୁମତି ନେବାକୁ ପଡ଼େ।

* କୈଳାସ ଗିରି ପର୍ବତ ଉପରେ ରହିଛି ଏକ ସୁଦୃଶ୍ୟ ବେଦି ଉପରେ ମଣିଷ ହାତରେ ଗଢ଼ା ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଈଶ୍ୱର ପାର୍ବତୀଙ୍କ ଧଳାପଥରର ଯୁଗଳ ମୂର୍ତ୍ତି। ଏଠାରେ ପୂଜାର୍ଚ୍ଚନା ହୁଏ ନାହିଁ। କେବଳ ପର୍ବତର ପ୍ରାକୃତିକ ପରିବେଶ ମଧ୍ୟରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗଢ଼ାହୋଇଛି କୈଳାସ ପର୍ବତ ସଦୃଶ ସ୍ଥାନଟିଏ। ପାହାଡ଼ ଉପରକୁ ଯିବା ପାଇଁ ରହିଛି ଅଙ୍କାବଙ୍କା ପାହାଡ଼ିଆ ରାସ୍ତା, ଆହୁରି ମଧ୍ୟ ରହିଛି ରୋପୱେ ର ସୁବିଧା। ସରକାରଙ୍କ ରକ୍ଷଣାବେକ୍ଷଣରେ ପାହାଡ଼ ଉପର ଉଜ୍ଜ୍ୱଳ ଆଲୋକମୟ। ଅନେକ ଫୁଲଗଛ ଲାଗିଛି, ମନେହୁଏ ସତେକି କୈଳାସ ପର୍ବତ ଉପରେ ଉଦ୍ୟାନ ଟିଏ।

* ବିଶାଖାପାଟଣା ସହରରୁ ପ୍ରାୟ ୧୨୦ କି.ମି. ଦୂରରେ ରହିଛି ଆରାକୁ ଉପତ୍ୟକା। ଭୂମି ପଉନଠାରୁ ୯୧୦ ଫୁଟ ଉଚ୍ଚତାରେ ପାହାଡ଼ ମଝିରେ ରହିଛି ଫୁଲଫଳ ଭରା ସୁନ୍ଦର ଉଦ୍ୟାନଟିଏ ଓ ଏକ ଝରଣା। ଏଠାରେ ପାହାଡ଼ି ରାସ୍ତାରେ ଟ୍ରେକିଂ କରିବାର ସୁବିଧା ରହିଛି। ଏହି ପାହାଡ଼ ମଧ୍ୟରେ ରହିଛି ହଜାର ହଜାର ବର୍ଷ ପୁରୁଣା ବୋରା ଗୁମ୍ଫା। ବାହାରୁ ଦେଖିଲେ ଲାଗେ ଚୂନପଥରର ଛୋଟ ଘର ଭଳି। ତହିଁରେ ରହିଛି ଶିବଲିଙ୍ଗ ମାନ। ସେଠାକୁ ଯାଇ ଦର୍ଶନକରି ପୂଜାର୍ଚ୍ଚନା କରିହୁଏ।

* ବିଶାଖାପାଟଣା ଦକ୍ଷିଣ ଭାରତର ସର୍ବ ବୃହତ୍ ନୌବାଣିଜ୍ୟ କେନ୍ଦ୍ର ମଧ୍ୟ। ଏହା ବନ୍ଦର ସହର ନାମରେ ଆଖ୍ୟାୟିତ। ସୁରକ୍ଷା ଦୃଷ୍ଟିରୁ ସାଧାରଣ ଜନତାକୁ ବନ୍ଦର ଏରିଆ ଭିତରକୁ ଯିବାର ଅନୁମତି ନ ଥିଲେ ମଧ୍ୟ ଦୂରରେ ଥାଇ ବନ୍ଦରର ଶୋଭା ଦର୍ଶନ କରିହୁଏ।


* କୁରୁସୁରା ସବ୍ ମେରାଇନ ମ୍ୟୁଜିୟମ; ଯାହାକି ଆର୍‌କେ ବେଳାଭୂମିର ଅଳ୍ପ ଦୂରରେ ରହିଛି। ଏଠାରେ ଦର୍ଶକଙ୍କ ଦେଖିବା ପାଇଁ ରହିଛି ପ୍ରାଚୀନ ଭାରତର ବୃହତ୍ତମ ସବ୍ ମେରାଇନ। ଏହା ଭିତରର ପ୍ରତ୍ୟେକ ଅଂଶ ଯଥା ମେଶିନ ରୁମ୍, ନାବିକ ଓ ଚାଳକ ରୁମ୍, ସେମାନଙ୍କ ରୋଷେଇଘର, ଖାଇବାଘର, ବିଶ୍ରାମଘର ଇତ୍ୟାଦି ଅନେକ ଅଜଣା କଥା ଯାହା ଆମ ମନରେ ଅପୂର୍ବ ଆନନ୍ଦ ଭରିଦିଏ।

* ଇନ୍ଦିରା ଗାନ୍ଧୀ ଜାତୀୟ ପ୍ରାଣୀ ଉଦ୍ୟାନ ବି ଏଠାକାର ଅନ୍ୟତମ ଆକର୍ଷଣ। ଏଠାରେ ଜାତିଜାତିକା ବନ୍ୟପ୍ରାଣୀ, ପକ୍ଷୀ ଓ ସାପ ଏବଂ ପ୍ରଜାପତି ପର୍ଯ୍ୟଟକ ଦେଖିପାରିବେ।

ବିଶାଖାପାଟଣା ସହର ଏମିତି ଯେ ଏଠାରେ ଧନିକ ଏବଂ ମଧ୍ୟବିତ୍ତ ପରିବାରର ସମସ୍ତଙ୍କ ଚାହିଦା ମୁତାବକ ରହିବା, ଖାଇବାର ବ୍ୟବସ୍ଥା ରହିଛି। ସୁନ୍ଦର ସୁନ୍ଦର ପୋଚମପଲ୍ଲୀ ପାଟ ଏବଂ ଇକ୍କତ ଶାଢ଼ି ଏଠାକାର ବଜାରରେ ମିଳେ। ଏଠାକୁ ଗମନାଗମନର ସମସ୍ତ ସୁବିଧା ରହିଛି। ଏହାର ନିକଟତମ ରେଳଷ୍ଟେଶନ ବିଶାଖାପାଟଣା ମୁଖ୍ୟ ରେଳଷ୍ଟେଶନ ଓ ମୁଖ୍ୟ ବିମାନବନ୍ଦର ବିଶାଖାପାଟଣା ବିମାନ ବନ୍ଦର ଏବଂ ସଡ଼କ ପଥରେ ଏହା ଭୁବନେଶ୍ୱରଠାରୁ ପ୍ରାୟ ୪୭୫ କି.ମି. ଦୂର।

– **ସୁଷମା ପରିଜା**, *ଶାରଳା ଭବନ,*
*ପୋତା ପୋଖରୀ, କଟକ-୪*
*ମୋ: ୯୩୩୭୨୭୨୬୪୭*







# ସ୍ୱପ୍ନ ପଛର କଥା



**ଆମେ ସ୍ୱପ୍ନ କାହିଁକି ଦେଖୁ? ଏହାକୁ ବର୍ଣ୍ଣନାକରିବା ଲାଗି ଏଯାଏ କୌଣସି ଥିଓରି ନାହିଁ ହେଲେ ବର୍ଷ ବର୍ଷ ଧରି ବୈଜ୍ଞାନିକ ଓ ଦାର୍ଶନିକଙ୍କୁ ଏହି ପ୍ରଶ୍ନ ଆନ୍ଦୋଳିତ କରି ଆସିଛି। ଆଉ ତା'ର କାରଣ ଖୋଜିବାରେ ଲାଗିଛନ୍ତି...**


ସ୍ୱପ୍ନ କ'ଣ ଓ କାହିଁକି ଶୋଇବାବେଳେ ଏହା ଆସେ ତାକୁ ନେଇ ହୋଇଛି ଅନେକ ଗବେଷଣା। ସିଗ୍‌ମଣ୍ଡ ଫ୍ରଏଡଙ୍କ ସ୍ୱପ୍ନ ତତ୍ତ୍ୱ ସୂଚାଇ ଦିଏ ଯେ, ସ୍ୱପ୍ନ ଅବଚେତନ ମନର ଇଚ୍ଛା, ଚିନ୍ତାଧାରା ଏବଂ ପ୍ରେରଣାକୁ ପ୍ରତିନିଧିତ୍ୱ କରେ। ଅର୍ଥାତ୍ ବ୍ୟକ୍ତିଙ୍କ ଅବଦମିତ ଏବଂ ଅବଚେତନ ଇଚ୍ଛା ଦ୍ୱାରା ସ୍ୱପ୍ନ ପରିଚାଳିତ ହୁଏ। ଇନଫରମେସନ୍ ପ୍ରୋସେସିଂ ଥିଓରି କହେ, ନିଦ ଆମକୁ ପୂର୍ବ ଦିନର ସମସ୍ତ ସୂଚନା ଏବଂ ସ୍ମୃତିକୁ ଏକତ୍ରିତ ଏବଂ ପ୍ରକ୍ରିୟାକରଣ କରିବାକୁ ଅନୁମତି ଦିଏ।

ବିଜ୍ଞାନ ଓ ମନୋବିଜ୍ଞାନ ଅନୁସାରେ ସ୍ୱପ୍ନର ଅନେକ ଅର୍ଥ ଥାଏ। ହେଲେ ଏହା ପୂର୍ବରୁ ଜାଣିବା ଜରୁରୀ ଯେ, ସ୍ୱପ୍ନ କ'ଣ ? 'ଦ ଓରେକଲ୍ ଅଫ୍ ନାଇଟ୍: ଦ ହିଷ୍ଟ୍ରି ଅଫ୍ ସାଇନ୍ସ ଅଫ୍ ଡ୍ରିମ୍ସ'ର ଲେଖକ ନ୍ୟୁରୋସାଇଣ୍ଟିଷ୍ଟ ସିଦ୍ଧାର୍ଥ ରିବେଇରୋ କୁହନ୍ତି, 'ସ୍ୱପ୍ନ ମନେ ରହୁ ଅବା ନ ରହୁ, ସମସ୍ତେ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନ ଚେତନ ଓ ଅବଚେତନ ମନ ଭିତରେ ଏକ ସେତୁବନ୍ଧର କାମ କରିଥାଏ। ଆଉ ନିଦ ଭିତରେ ପ୍ରାୟ ୫ଟି ସ୍ୱପ୍ନ ଆସିଥାଏ। ସ୍ୱପ୍ନ ଆମର ଅବଚେତନ ମନର ଇଚ୍ଛା ଓ ଡର ଦ୍ୱାରା ପ୍ରଭାବିତ ହୋଇଥାଏ। ସରଳଭାଷାରେ କହିବାକୁ ଗଲେ ରାତିରେ ଶୋଇବା ସମୟରେ ବି ମଣିଷର ମସ୍ତିଷ୍କ ସକ୍ରିୟ ଥାଏ। ସେଥିପାଇଁ ସ୍ୱପ୍ନ ଆସେ।' ସ୍ୱପ୍ନ ସାଧାରଣତଃ ୫-୨୦ ମିନିଟ ଯାଏ ରହିଥାଏ। ଯଦି ଆମକୁ ସ୍ୱପ୍ନ ଅଧାରୁ ଉଠାଯାଏ ତେବେ ସ୍ୱପ୍ନ ମନେ ରହେ ନାହିଁ। ଆମର ମସ୍ତିଷ୍କ କେବଳ ଏକ ନିଶ୍ଚିତ ମାତ୍ରାରେ ତଥ୍ୟକୁ ମନେ ରଖେ। ଯଦି ଆମର ଅନେକ ସ୍ୱପ୍ନ ଆସେ, ତନ୍ମଧ୍ୟରୁ କିଛି ବି ମନେ ରହେ ନାହିଁ। ସେଥିପାଇଁ ଯେବେ ଆମେ ସକାଳୁ ଉଠୁ ଆମର ମସ୍ତିଷ୍କ ତୁରନ୍ତ ଦୈନିକ ଗତିବିଧିରେ ଲାଗିଯାଏ। ଆଉ ସ୍ୱପ୍ନ ଝାପ୍‌ସା ମନେ ରହେ। ସେମିତି ଆଉ ଏକ କାରଣ ହେଉଛି ଆୟୁଷ ସହ ଆମର ସ୍ୱପ୍ନ ଦେଖିବା ଓ ମନେ ରଖିବାର କ୍ଷମତା କମିଯାଏ। ବିଶେଷଜ୍ଞଙ୍କ କହିବାନୁସାରେ ସ୍ୱପ୍ନ ମନେ ରଖିବାର କ୍ଷମତା ବ୍ୟକ୍ତିଙ୍କ ବୟସ, ଲିଙ୍ଗ ଓ ନିଦର ଗୁଣବତ୍ତା ଉପରେ ନିର୍ଭର କରିଥାଏ। ଏହା ବି କୁହାଯାଏ, ସମସ୍ତେ ନିୟମିତଭାବେ ଶୋଇବା ଜରୁରୀ। ଆଉ ଭଲ ନିଦ୍ରା ପାଇଁ ଅବସାଦକୁ କମ୍ କରିବା ଜରୁରୀ ଓ ସ୍ୱପ୍ନକୁ ଲେଖିବା ପାଇଁ ଏକ ଡାଏରୀ ରଖିବା ଜରୁରୀ। ସ୍ୱପ୍ନରେ ଛବି, ଚିନ୍ତନ ଓ ଭାବ ଅନ୍ତର୍ଭୁକ୍ତ, ଯାହାକୁ ଆମେ ଶୋଇବାବେଳେ ଦେଖିଥାଉ। ଏହି ସ୍ୱପ୍ନ ହୋଇପାରେ ଭାବରେ ଭରା, ଅବା ତିକ୍ତ, ଭୟଙ୍କର, ଅବା ଖୁସିରେ ଭରା, କନ୍‌ଫ୍ୟୁଜିଂ ଅବା ବୋରିଂ।

ଜଣେ ବିଶେଷଜ୍ଞ କୁହନ୍ତି, 'ନିଦର ଚାରୋଟି ଫେଜ୍ ଥାଏ। ନିଦର ପ୍ରାରମ୍ଭିକ ଫେଜ୍ ହେଉଛି ରାପିଡ୍ ଆଇ ମୁଭମେଣ୍ଟ। ଏହି ଷ୍ଟେଜ୍‌ରେ ଆମର ସ୍ୱପ୍ନ ଆସେ। ଏହାକୁ ରାପିଡ୍ ଆଇ ମୁଭମେଣ୍ଟ ସ୍ଲିପ କୁହାଯାଏ। ଆମେ ଯେବେ ଡିପର୍ ଫେଜ୍‌କୁ ଯାଉ, ଆମେ ଗଭୀର ନିଦ୍ରାରେ ଥାଉ। ସେ ସମୟରେ ଆମର ସ୍ୱପ୍ନ ଆସି ନ ଥାଏ। ବହୁତ ସ୍ୱପ୍ନ ଆସିବା ସ୍ଲିପ ଡିଷ୍ଟରବାନ୍ସ ବିଭାଗକୁ ଆସିଥାଏ। ଫଳରେ ବ୍ୟକ୍ତି ଭଲଭାବେ ଶୋଇପାରି ନ ଥାଏ। ରାପିଡ ଆଇ ମୁଭମେଣ୍ଟ ସ୍ଲିପ୍ ପରେ ଆସେ ନନ୍ ରାପିଡ ଆଇ ମୁଭମେଣ୍ଟ ସ୍ଲିପ। ଏହାର ପୁଣି ତିନୋଟି ଷ୍ଟେଜ୍ ଥାଏ। ପ୍ରଥମ ଷ୍ଟେଜ୍‌ରେ ହାଲ୍‌କା ନିଦ ଆସିଥାଏ। ଏହି ସମୟରେ ବ୍ୟକ୍ତି ଜାଗ୍ରତ ଓ ଚେଇଁ ରହିଥିବାର ମଝି ସ୍ଥିତିରେ ଥାଆନ୍ତି। ଦ୍ୱିତୀୟ ଷ୍ଟେଜ୍, ହାଲ୍‌କା ନିଦ୍ରାର ଷ୍ଟେଜ୍, ଯେଉଁଥିରେ ଶରୀରର ତାପମାତ୍ରା ଓ ହାର୍ଟ ରେଟ୍ କମ୍ ଥାଏ। ତୃତୀୟ ଷ୍ଟେଜ୍ ଗଭିର ନିଦ୍ରାର ଷ୍ଟେଜ୍। ଏହି ଫେଜ୍‌ରେ ଶରୀର ବିଶ୍ରାମ ନିଏ ଓ ରିପେୟାର ହୋଇଥାଏ।



# ମ୍ୟାଜିକ୍ ବୁକ୍



ଏହି ବହିଟିକୁ ଦେଖିଲେ ଲାଗେ ପରୀ ରାଇଜର କୁହୁକ ବହି ଭଳି, ଯାହାକୁ ଖୋଲିଲେ ତା' ଭିତରୁ ନିସୃତ ହୁଏ ରହସ୍ୟମୟୀ ଆଲୋକ। ହେଲେ ଏହା କୌଣସି କୁହୁକ ପୁସ୍ତକ ନୁହେଁ। ବରଂ ଜାପାନର କାରିଗର ମିକେଲ କ୍ରେସନ୍ ତିଆରି କରିଥିବା ଏକ ପୁସ୍ତକ, ଯାହାର ଅକ୍ଷରଗୁଡ଼ିକ ଅନ୍ଧାରରେ ଔଜ୍ଜ୍ୱଲ୍ୟମାନ ସବୁଜ ରଙ୍ଗରେ ଚମକି ଥାଏ। ମିକେଲ ଜଣେ ଡିଆଇଓ୍ୱାଇ ମାଷ୍ଟର। ସେ କିଛି ଅଦରକାରୀ ସାମଗ୍ରୀରୁ ଏହାକୁ ତିଆରି କରିଛନ୍ତି। କାଗଜଗୁଡ଼ିକ ଉପରେ କଫିର ପ୍ରଲେପ ଲଗାଇବା ସହ ପାର୍ଶ୍ୱରୁ କିଛି କିଛି ପୋଡି ଏହାକୁ ଭିଣ୍ଟେଜ୍ ଲୁକ୍ ଦେଇଛନ୍ତି। ଲେଖାଗୁଡ଼ିକ ଅନ୍ଧାରରେ ଗ୍ଲୋ କରିବା ଲାଗି ସେ ଫ୍ଲୁରୋସେଣ୍ଟ ଟେପ୍ ବ୍ୟବହାର କରିଛନ୍ତି। ଫ୍ଲୁରୋସେଣ୍ଟ ଟେପ୍‌କୁ ବିଭିନ୍ନ ଆକାରରେ କାଟି ଏହାକୁ ତିଆରି କରିଛନ୍ତି। ଏହି କାମ ବହୁତ ସୂକ୍ଷ୍ମ, ତେଣୁ ଅଧିକ ସମୟ ଲାଗିଥିଲା କରିବାକୁ। ମାତ୍ର ଦୁଇ ପୃଷ୍ଠାର କାମ ପାଇଁ ତାଙ୍କୁ ୯ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କଠିନ ପରିଶ୍ରମ ପରେ ସେ ଯେବେ ଏହି ପୁସ୍ତକର ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ, ଲୋକ ବହୁତ ପସନ୍ଦ କରିଥିଲେ। ଫଳରେ ତାଙ୍କର ସବୁ କଷ୍ଟ ଲାଘବ ହୋଇଗଲା। ଲୋକେ ଏହି ଚମତ୍କାର ପୁସ୍ତକକୁ ମନ ମୁତାବକ ମୂଲ୍ୟ ଦେଇ କିଣିବାକୁ ବି ପ୍ରସ୍ତୁତ ହେଲେ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ


# ଦେବତା, ଭଗବାନ୍ ଓ ଈଶ୍ୱର

(ଭାଗ- ୧୬)

ଗତ ଥର ଆମ୍ଭେ ସେଇ ୧୯ ନଳା ବିଷୟରେ ଆଲୋଚନା କରୁଥିଲେ। ଓଡ଼ିଶାରେ ଗୋଟିଏ ୧୯ନଳା ପୁରୀରେ ଏବଂ ଯାଜପୁର ଜିଲାରେ ଦୁଇଟି ୧୮ ନଳା ପୋଲ ଥିବାର ଜାଣି ଅନେକେ ଆଶ୍ଚର୍ଯ୍ୟଚକିତ ହୋଇ ଦୂରଭାଷ ମାଧ୍ୟମରେ କୃତଜ୍ଞତା ଜଣାଇଥିଲେ। ପୁରୀ ୧୯ ନଳାର ଐତିହାସିକ ବିଭବ ଏବଂ ଏହା କେଉଁ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା, ସେ ବାବଦରେ ତିନିଗୋଟି ତଥ୍ୟର ଅବତାରଣା କରାଯାଇଥିଲା। ଆଜିର ପ୍ରସଙ୍ଗରେ ଆଉ ଅଧିକ ସିଆଡ଼କୁ ନ ଯାଇ ପୁନଶ୍ଚ ଆମର ମୂଳ ଆଲୋଚନାକୁ ଫେରିଯିବା ପାଇଁ ମନସ୍ଥ କରିଥିଲା ବେଳେ ଜଣେ ବିଦ୍ୱାନ୍ ପାଠକଙ୍କଠାରୁ ୧୯ ନଳା ସମ୍ବନ୍ଧୀୟ ଏକ ନୂତନ ତଥ୍ୟ ମିଳିଲା, ଯାହାକୁ ପାଠକମାନଙ୍କ ସମ୍ମୁଖରେ ବାଢ଼ିଦେବା ପାଇଁ ଆଜି ଆଗୁସାର ହେଉଛି। ଗତ ମାସର ଲେଖାକୁ ପାଠକରି ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ନାମକ ଜଣେ ସଂସ୍କୃତ ଶିକ୍ଷକ ଏକ ତଥ୍ୟ ମୋ ପାଖକୁ ପଠାଇଥିଲେ। ପରେ ମୁଁ ତାଙ୍କ ସହ କଥା ବି ହୋଇଛି। ବୃତ୍ତିରେ ହାଇସ୍କୁଲର ଶିକ୍ଷକ ଥିବା ପ୍ରମୋଦ ବାବୁ ପ୍ରବୃତ୍ତିରେ ଜଣେ ପ୍ରଭାବଶାଳୀ ପ୍ରବକ୍ତା। ସେ ଭଦ୍ର ମହୋଦୟ ୧୯ ନଳା ବାବଦରେ ଯାହା ମତ ରଖିଛନ୍ତି, ଆସନ୍ତୁ ସେ ସମ୍ବନ୍ଧରେ ଟିକେ ଆଖି ପକାଇଦେବା।

ସେତେବେଳେ ପୁରୀର ଗଜପତି ଥାଆନ୍ତି ରାଜା ପ୍ରତାପରୁଦ୍ରଦେବ। ପଶ୍ଚିମରୁ କେତେଜଣ ବେଦାନ୍ତୀ ପଣ୍ଡିତ ପୁରୀ ଆସି ବେଦ ଉପରେ ପ୍ରଚାର କଲେ। ଠିକ୍ ଅଛି, ବେଦର ପ୍ରଚାରପ୍ରସାର ହେବା କଥା। ବେଦ ହେଉଛି ଆମ ସନାତନ ସଂସ୍କୃତିର ମୂଳ। ଯେଉଁଦିନୁ ଆମ୍ଭେ ବେଦଠୁ ଦୂରେଇଗଲୁ, ସେଇ ଦିନରୁ ଦେଶର ପତନ ଆରମ୍ଭ ହୋଇଛି ବୋଲି ଜାଣ। ମୂର୍ତ୍ତିପୂଜା ଆରମ୍ଭ ହେବା ପରଠାରୁ କିଏ ଗଣେଶଙ୍କ ଭକ୍ତ ତ କିଏ ହନୁମାନଙ୍କ ଭକ୍ତ ହୋଇଗଲେ। ଆଉ କିଏ କିଏ ରାମ, କୃଷ୍ଣ, ଲକ୍ଷ୍ମୀ, କାଳୀ ଆଦିଙ୍କ ଭକ୍ତ ହୋଇ ବହୁଧା ବିଭାଜିତ ହୋଇଗଲେ। କିନ୍ତୁ ବେଦରେ ଏକ ପରମାତ୍ମାଙ୍କ ବର୍ଣ୍ଣନା ଅଛି। ଏକ ସଦବିପ୍ରା ବହୁଧା ବଦନ୍ତି। ସେଇ ପରମାତ୍ମାଙ୍କ ଅଶେଷ ନାମ। ଗଣେଶ ଆଉ କିଏ କି? ଗଣନାମ୍ ଅର୍ଥାତ୍ ଗଣମାନଙ୍କର ଈଶ ବା ଇଷ୍ଟ ହେଉଛନ୍ତି ଗଣେଶ। ପରମାତ୍ମାଙ୍କ ବ୍ୟତୀତ ଗଣମାନଙ୍କର ଈଶ ଆଉ କିଏ ହୋଇପାରନ୍ତି ଯେ! ସୁତରାଂ ସେଇ ଗୋଟିଏ ପରମାତ୍ମା ହିଁ ଗଣେଶ, ସରସ୍ୱତୀ, ଇନ୍ଦ୍ର, ବରୁଣ ଆଦିଙ୍କ ନାମରେ ନାମିତ। ଏକମାତ୍ର ପରମାତ୍ମା ହିଁ ଉପାସ୍ୟ ଦେବତା। ସ୍ଥାୟୀ ଦେବତା। ଅନ୍ୟ ସବୁ ଦେବତା ହେଉଛନ୍ତି ଅସ୍ଥାୟୀ। ଦେବତାମାନେ ଯଦି ଅସ୍ଥାୟୀ ହେଲେ, ତେବେ ସେମାନେ ଫଳ ଦେବେ କିପରି? ସାଧକଙ୍କୁ ବର କେଉଁଠୁ ଆଣି ପ୍ରଦାନ କରିବେ? ଏହାର ଉତ୍ତର ଯୋଗେଶ୍ୱର ଭଗବାନ୍ ଅତି ସୁନ୍ଦର ଏବଂ ସ୍ପଷ୍ଟ ଭାବରେ ଶ୍ରୀମଦ୍ ଭଗବଦ୍ ଗୀତାରେ ବର୍ଣ୍ଣନା କରିସାରିଛନ୍ତି। ବହୁ ଦେବତାଙ୍କୁ ନେଇ ବହୁ ପ୍ରକାର ଭକ୍ତ ସୃଷ୍ଟିହେବା ସହ ଅନେକ ବାବା, ମାତାଙ୍କୁ ନେଇ ସୃଷ୍ଟି ହୋଇଥିବା ଅନେକ ଗୋଷ୍ଠୀ ଏବଂ ସଂଗଠନ ମଧ୍ୟ ଅନେକ ସମୟରେ ଈଶ୍ୱର ବିଶ୍ୱାସ ଓ ସାଧନାକୁ ନେଇ ବ୍ୟକ୍ତିବିଶେଷଙ୍କୁ ଅକଳ ବା ଦ୍ୱିଧାଗ୍ରସ୍ତ କରାଇ ଦେଉଛି। ଏହାକୁ ଧରିବୁ ନା ତାହାଙ୍କୁ ଧରିବୁ, ଏ ବାଟରେ ଯିବୁ ନା ସେ ବାଟରେ ଯିବୁ, ଏ ସାଧୁଙ୍କ କଥା ମାନିବୁ ନା ସେ ସାଧୁଙ୍କ କଥା ମାନିବୁ – ଏମିତି ପରିସ୍ଥିତିରେ ସାଧାରଣ ବ୍ୟକ୍ତିଟିଏ ପଡ଼ିଯାଏ।

ବେଦର ପ୍ରତିପାଦ୍ୟ ଈଶ୍ୱର କିନ୍ତୁ ଏକ। ସାଧନା ଏକ। ଏଥିରେ ଭ୍ରମିତ ହେବାର କିଛି ନାହିଁ। ଏକଦମ ବାଟ ଗୋଟିଏ। କିନ୍ତୁ କେବଳ କହିଦେଲେ ତ ହେବନାହିଁ। ସାଧନା ରହିବା ଜରୁରୀ। ଅନୁଭବ ରହିବା ଜରୁରୀ। ବେଦାନ୍ତର ଜଟିଳ ସୂତ୍ର, ପୁଣି ସଂସ୍କୃତ ଭାଷାର କ୍ଲିଷ୍ଟତା– ଏସବୁଠାରୁ ସାଧାରଣ ମଣିଷଟିଏ ଖୁବ୍ ଦୂରରେ ଥିବାରୁ ବେଦ ତା' ପାଇଁ ଏକ ଓଜନଦାର ବିଷୟ ବୋଲି ବୋଧହୁଏ। କିନ୍ତୁ ପ୍ରକୃତରେ କଥା ତାହା ନୁହେଁ। ବେଦ ଖୁବ୍ ସହଜ ଏବଂ ସରଳ। ଗୁରୁ କରିନେ କିମ୍ବା ସଂସ୍କୃତ ପଢ଼ିନେ ବୋଲି ଆମକୁ ତାହା କଷ୍ଟ ପ୍ରତୀତ ହେଉଛି।



ସମସ୍ତେ ଚାହାନ୍ତି ନିଜ ନିଜର ମତ ବା ଦର୍ଶନର ଖୁବ୍ ପ୍ରଚାର ହେଉ ବୋଲି। ସେଇ ବେଦାନ୍ତୀମାନେ ଧର୍ମଶାସ୍ତ୍ର ବାବଦରେ ପୁରୀର ପଣ୍ଡିତମାନଙ୍କ ଆଗରେ ୧୮ ଗୋଟି ପ୍ରଶ୍ନ ରଖିଥିଲେ। ରାଜା ରାଜ୍ୟର ବଛା ବଛା ପଣ୍ଡିତମାନଙ୍କୁ ଉତ୍ତର ରଖିବା ପାଇଁ ଚୟନ କରିଥିଲେ। କିନ୍ତୁ ବେଦାନ୍ତୀମାନଙ୍କ ଏକେଶ୍ୱରବାଦ, ଅଦ୍ୱୈତ ସିଦ୍ଧାନ୍ତ, ବ୍ରହ୍ମାନନ୍ଦୀ ତତ୍ତ୍ୱ ଆଗରେ ଉତ୍କଳୀୟ ବୈଷ୍ଣବ ପୁରୀ ପଣ୍ଡିତମାନଙ୍କର ପ୍ରେମ ତତ୍ତ୍ୱ, ଭକ୍ତି ତତ୍ତ୍ୱ, ଅନୁରାଗ ତତ୍ତ୍ୱ, ଶ୍ରୀଜଗନ୍ନାଥ ତତ୍ତ୍ୱ ସବୁ କାଟ ଖାଇଗଲା। ରାଜା ନିରାଶ ହେଲେ।

ଉତ୍କଳୀୟ ବୈଷ୍ଣବମାନଙ୍କର ଏ ହାରିବାପଣିଆ କଥା ଯାଇ ପହଞ୍ଚିଲା ସନ୍ଥ ଅଚ୍ୟୁତାନନ୍ଦଙ୍କ ପାଖରେ। ସେତେବେଳେ ଅଚ୍ୟୁତାନନ୍ଦ ରଣପୁରରେ ଅବସ୍ଥାନ କରି 'ହରିବଂଶ'ର ରଚନା ସମାପ୍ତକରି କୃଷ୍ଣ କଥା, ଗୋପୀ ପ୍ରେମ, ରାସ, ମହାରାସ ବିଷୟକ ପ୍ରସଙ୍ଗମାନ ପ୍ରଚାରରେ ଲିପ୍ତ ଥାଆନ୍ତି। ପୁରୀକୁ ଆସି ଅଠରନଳାଠାରେ ଅଚ୍ୟୁତାନନ୍ଦ ସେଇ ବେଦାନ୍ତୀମାନଙ୍କୁ ତର୍କ ଯୁଦ୍ଧ ପାଇଁ ଆହ୍ୱାନ ଦେଲେ। ସମସ୍ତ ବେଦାନ୍ତୀ ଏକଜୁଟ ହୋଇ ପୂର୍ବୋକ୍ତ ୧୮ ଗୋଟି ପ୍ରଶ୍ନ ଦ୍ୱାରା ଅଚ୍ୟୁତାନନ୍ଦଙ୍କୁ ଘେରିଲେ। ବ୍ରହ୍ମାନନ୍ଦୀଙ୍କ ଠାରୁ ଯେ ପ୍ରେମାନନ୍ଦୀ ମହାନ୍ ଏବଂ ଉତ୍କୃଷ୍ଟତର – ଏକଥାକୁ ପ୍ରମାଣିତ କରି ବେଦାନ୍ତୀମାନଙ୍କର ସମସ୍ତ ୧୮ ଗୋଟି ପ୍ରଶ୍ନର ମନଲାଖି ଉତ୍ତର ଦେଇ ସେମାନଙ୍କୁ ପରାସ୍ତକଲେ ଅଚ୍ୟୁତାନନ୍ଦ। ଅଷ୍ଟାଦଶ ପୁରାଣ, ଉପ ପୁରାଣ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଶ୍ରୀଜଗନ୍ନାଥଙ୍କ ୧୬ କଳା, ବାୟୁ ସାଧନା, ଶୂନ୍ୟ ସାଧନାର ଉଦାହରଣ ଦେଇ ସାଧନା ଅନୁଭବୀ ଅଚ୍ୟୁତାନନ୍ଦଙ୍କ ପ୍ରାମାଣିକ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନାକୁ ଦେଖି ବେଦାନ୍ତ ସମ୍ବନ୍ଧୀୟ ଆଦୌ ଅନୁଭବଗତ ଜ୍ଞାନ ନ ଥାଇ କେବଳ ଶବ୍ଦ ବଳରେ ବଳୀୟାନ୍ ହୋଇଥିବା ବେଦାନ୍ତୀ ପଣ୍ଡିତମାନେ ଚିତ୍‌ପଟାଙ୍ଗ ମାରିଲେ। ସେମାନେ ଯେ କେବଳ ପରାସ୍ତ ହେଲେ ତା' ନୁହେଁ, ଅଚ୍ୟୁତାନନ୍ଦଙ୍କ ପ୍ରେମାନନ୍ଦ ତତ୍ତ୍ୱରେ ନିଜକୁ ନିବିଷ୍ଟ ମଧ୍ୟ କରିଦେଲେ।

କୁହାଯାଏ, ଅଚ୍ୟୁତାନନ୍ଦ ୧୮ ଗୋଟି ପ୍ରଶ୍ନକୁ ସମାଧାନ କରିଥିବାରୁ ସ୍ମାରକୀ ସ୍ୱରୂପ ସେଇ ସ୍ଥାନରେ ପରେ ୧୮ ଗୋଟି ନଳା ନିର୍ମାଣ କରାଯିବା ସହ ସ୍ୱୟଂ ଅଚ୍ୟୁତାନନ୍ଦଙ୍କ ପାଇଁ ଆଉ ଗୋଟିଏ ଅଧିକ ନଳା – ଏମିତି ୧୯ଟି ନଳା ନିର୍ମାଣ କରାଯାଇଥିଲା। ଅଚ୍ୟୁତାନନ୍ଦ ଯେଉଁ ସ୍ଥାନରେ ବସି ବେଦାନ୍ତୀମାନଙ୍କ ସହ ଜ୍ଞାନ ଚର୍ଚ୍ଚା କରିଥିଲେ ସେଇ ୧୯ ନମ୍ବର ନଳା ସହ ୧୮ ନଳାର ଜଳକୁ ପ୍ରସାଦ ରୂପେ ପାଇଲେ ନାରୀମାନଙ୍କ ବନ୍ଧ୍ୟା ଦୋଷ ହରଣହେବା ସାଙ୍ଗକୁ ଅନେକ ରୋଗ ମଧ୍ୟ ଆରୋଗ୍ୟ ହୋଇଥାଏ ଏବଂ ମାନସିକ ମଧ୍ୟ ପୂରଣ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

ପଣ୍ଡିତ ପ୍ରମୋଦ ପଣ୍ଡା ଏ ତଥ୍ୟକୁ ପୁରୀରେ ସଂସ୍କୃତ ପାଠ ପଢୁଥିବା ବେଳେ ରଘୁନନ୍ଦନ ପାଠାଗାରରେ ଥିବା ଏକ ପୁସ୍ତକରୁ ପଢ଼ିଥିଲେ। ଯଦିଓ ସେ ପୁସ୍ତକର ନାମକୁ ସେ ଭୁଲିଯାଇଛନ୍ତି, ତଥାପି ୧୯ ନଳା ନିର୍ମାଣ ବାବଦ ଏ ତଥ୍ୟ ଯେ ଆଦୌ ନିରାଧାର ହୋଇ ନ ଥିବ, ସେକଥା କୁହାଯାଇ ନ ପାରେ।

ବଡ଼ ରୋଚକ କଥା ହେଉଛି, ଏଇ ନିକଟରେ ଜଣେ ପଣ୍ଡିତ ୧୮ ନଳା ବାବଦରେ ଆଲୋଚନାକରି କହୁଥିଲେ– ଅ କାର ବାସୁଦେବ ଶ୍ଚ ଅର୍ଥାତ୍ 'ଅ' ଅକ୍ଷର ହେଉଛି ବାସୁଦେବ ବା ଶ୍ରୀଜଗନ୍ନାଥଙ୍କ ପ୍ରତୀକ। 'ଠ' ହେଉଛି ଠୁଳ ଶୂନ୍ୟ ପରଂବ୍ରହ୍ମ। ଅର୍ଥାତ୍ ଶ୍ରୀଜଗନ୍ନାଥ ହେଉଛନ୍ତି ଶୂନ୍ୟ ଦେବତା। ସାକ୍ଷାତ୍ ପରଂବ୍ରହ୍ମ। 'ର' ଶବ୍ଦର ଅର୍ଥ ହେଉଛି ଚରାଚର ବ୍ୟାପିରହିବା। ସାକ୍ଷାତ୍ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଠୁଳ ଶୂନ୍ୟ ହୋଇ ସଚରାଚର ବ୍ୟାପି ରହିଥିବାର ଉଦ୍‌ଘୋଷଣା ସେଇ ଅଠରନଳା ଦ୍ୱାରା ହିଁ ହେଉଛି।

ନିଜର ପାଣ୍ଡିତ୍ୟ ଦେଖାଇ ପଣ୍ଡିତ ଜଣକ 'ଅଠର' ଶବ୍ଦକୁ ବ୍ୟାଖ୍ୟା କରୁଥିବାବେଳେ ଉପସ୍ଥିତ ଜଣେ ଧାର୍ମିକ ଶିକ୍ଷିତ ଯୁବକ ହଠାତ୍ କହି ଉଠିଲା – ଆଜ୍ଞା, ନଳା ସଂଖ୍ୟା ୧୮ ନୁହେଁ, ୧୯। ପୁରୀ ଯିବାବେଳେ ଟିକେ ଗଣିକି ଦେଖିବେ।

– ସତେ କି?

ଆଶ୍ଚର୍ଯ୍ୟ ହୋଇ ପଣ୍ଡିତ ଏ ଉତ୍ତର ଦେଇ ଟିକେ ଚୁପ୍ ହୋଇଗଲେ। ଚୁପ୍ ହୋଇଯିବାର ସମୟ ଭିତରେ ସେ ବୋଧେ ଶାସ୍ତ୍ର ପୁରାଣର ଅର୍ଗଳି ଭିତରେ ପଶି 'ଉଣେଇଶ' ଶବ୍ଦର ପ୍ରତି ଅକ୍ଷରକୁ କିପରି ବୁଝାଇ ଦିଆଯାଇପାରେ, ସେ ତତ୍ତ୍ୱକୁ ବୋଧେ ଖୋଜି ବୁଲୁଥିବାର ଲକ୍ଷ୍ୟ କରାଯାଉଥିଲା।


*– ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ(ଆଧ୍ୟାତ୍ମିକ ପତ୍ରିକା), ରାମନଗର, ତେଲେଙ୍ଗାପେଣ୍ଠ, କଟକ ମୋ: ୯୭୭୭୭୯୭୮୪୧*

## ପୁସ୍ତକ ସମୀକ୍ଷା

### ଶ୍ରୀନୀଳାଦ୍ରୀଶ ଚଉତିଶା

**ସମ୍ପାଦନା– ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର**

**ପ୍ରକାଶକ: ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ମୂଲ୍ୟ-୧୨୦/-**




କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ କୃତ ଏହି ପ୍ରସିଦ୍ଧ ଶ୍ରୀନୀଳାଦ୍ରୀଶ ଚଉତିଶାକୁ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ସମ୍ପାଦନା କରିଛନ୍ତି। ଏଥିରେ ଉପେନ୍ଦ୍ର ଭଞ୍ଜଙ୍କ ସାରସ୍ୱତ ଜୀବନୀ, ଓଡ଼ିଆ ଚଉତିଶା ସାହିତ୍ୟ, ଭଞ୍ଜ ସାହିତ୍ୟରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ, ନୀଳାଦ୍ରୀଶ ଚଉତିଶା ଭାବାର୍ଥ ସହ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ସହିତ କାଳ୍ପନିକ ସାକ୍ଷାତ୍‌କାର ରହିଛି। ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ ଯୁଗର ଅନନ୍ୟ ଓ ଅଦ୍ୱିତୀୟ କବି। ସେ ଥିଲେ ଜଗନ୍ନାଥ ପ୍ରାଣ। ଜଗନ୍ନାଥଙ୍କଠାରେ ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣକରି ଏହି ଭାବାତ୍ମକ 'ଶ୍ରୀନୀଳାଦ୍ରୀଶ ଚଉତିଶା' ରଚନାକରି ଯଶସ୍ୱୀ ହୋଇଛନ୍ତି। ଏହା ଏକ ଉଚ୍ଚକୋଟୀର ସର୍ଜନା। ଏଥିରେ କ୍ଷେତ୍ର ମାହାତ୍ମ୍ୟ ପ୍ରତିପାଦିତ। ଏହାସହ ଏଥିରେ ଗରୁଡ଼ ସ୍ତମ୍ଭ, ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥଙ୍କ ଟାହିଆ, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ, ବିମାନ ଓ ମୁଖଶାଳାର ତତ୍ତ୍ୱ, ନକ୍ଷତ୍ର ଚାନ୍ଦୁଆ, ଅଖଣ୍ଡ ଦୀପ, ପତିତପାବନ ବାନା, ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସାମ୍ୟ ପ୍ରଦର୍ଶନ, ଶ୍ରୀଲୋକନାଥ, ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମିଳନାତ୍ମକ ବିଗ୍ରହ, ଦରିଆ ହନୁମାନ, ଓଁକାର ତତ୍ତ୍ୱ ଓ ନିର୍ଗୁଣ ତତ୍ତ୍ୱ ଆଦି ପ୍ରସଙ୍ଗ ରହିଛି। ପୁସ୍ତକଟି ଗବେଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା।

### ମୁଁ କାହିଁକି ପିଲାଙ୍କ ପାଇଁ ଲେଖେ

**ସମ୍ପାଦନା: ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**

**ପ୍ରକାଶକ: ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ, ମୂଲ୍ୟ: ୨୭୫/-**

'ମୁଁ କାହିଁକି ପିଲାଙ୍କ ପାଇଁ ଲେଖେ' ପୁସ୍ତକଟିକୁ ସମ୍ପାଦନା କରିଛନ୍ତି ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ। ଏଥିରେ ୪୨ ଜଣଙ୍କ ଲେଖା ସ୍ଥାନିତ ହୋଇଛି। ମନୋରଞ୍ଜନ ଓ ଜ୍ଞାନାର୍ଜନ, ଏହି ଦୁଇ ଉଦ୍ଦେଶ୍ୟକୁ ନେଇ ଆମ ପିଲାମାନଙ୍କ ପାଇଁ ସାହିତ୍ୟ ରଚନା କରାଯାଏ। ପ୍ରତ୍ୟେକ ଶିଶୁ ସାହିତ୍ୟିକ ଜଣେ ଜଣେ ଶିଶୁ ମନସ୍ତତ୍ତ୍ୱବିତ୍ ହେବା ବିଧେୟ। ପିଲାଙ୍କ ମନଗହନର କଥାକୁ ଯିଏ ଯେତେ ପାଠ କରିପାରିଲା, ସେ ସେତେ ଭଲ ଶିଶୁ ସାହିତ୍ୟ ରଚନା କରିବାରେ ସଫଳ ହୋଇପାରିଲା। ତେବେ ଏହି ବହିଟିରେ ପ୍ରତ୍ୟେକ ଶିଶୁ ସାହିତ୍ୟିକ ଆପଣାର ମନଗହନର ଅକୁହା କଥାକୁ ଉଲ୍ଲେଖ କରିପାରିଛନ୍ତି। ସେହିପରି ଆଉ ଗୋଟିଏ କଥା, ଯେପରି ଶିଶୁରୋଗ ବିଶେଷଜ୍ଞ ଶିଶୁର ମାନସିକତା ଏବଂ ତା'ର ଲକ୍ଷଣକୁ ଅନୁଭବ କରି ଔଷଧ ଦିଏ, ସେହିପରି ଜଣେ ଶିଶୁ ସାହିତ୍ୟିକ ନିଜେ ଶିଶୁ ସ୍ତରକୁ ଯାଇ ସେମାନଙ୍କୁ ଭଲ ଲାଗିବା ବା ତାଙ୍କ ମନକୁ ଛୁଇଁବା ପରି ଲେଖାଟିଏ ଲେଖେ; ଯାହା ଅତ୍ୟନ୍ତ କଷ୍ଟକର। ତେଣୁ ଏହି ପୁସ୍ତକରେ ସ୍ଥାନ ପାଇଥିବା ସମସ୍ତ ଲେଖାଗୁଡ଼ିକ ଶିଶୁ ମନସ୍ତତ୍ତ୍ୱକୁ ବୁଝି ଲେଖା ହୋଇଛି। ପୁସ୍ତକଟି ପାଠକାଦୃତିର ଆଶା ରଖେ।



ବ୍ୟାକ୍ ପେଜ୍





# ଘରସାରା ଡୋରେମନ୍

**ଡୋ**ରେମନ୍ ଏକ ଆନିମେ କ୍ୟାରେକ୍ଟର, ଯାହାର ସାରା ପୃଥିବୀରେ ଅଛନ୍ତି ମିଲିୟନ ମିଲିୟନ ଫ୍ୟାନ୍। ସେମିତି ଏକ ଡୋରେମନ ଫ୍ୟାନ ଅଛନ୍ତି ଇଣ୍ଡୋନେସିଆରେ। ଏହା ଏକ ପୂରା ପରିବାର, ଯେଉଁମାନେ କି ଡୋରେମନକୁ ଖୁବ୍ ଭଲ ପାଆନ୍ତି। ଆଉ ଏତେ ଭଲ ପାଅନ୍ତି ଯେ, ନିଜ ଘରକୁ ପୂରା ଡୋରେମନ୍‌ମୟ କରିଦେଇଛନ୍ତି। ରେଘିନା କର୍‌ଉର ଓ ତାଙ୍କ ସ୍ୱାମୀ ପିଲାଦିନରୁ ଭଲ ପାଇ ଆସୁଥିବା ଏହି



ଆନିମେ କ୍ୟାରେକ୍ଟରକୁ । ଆଉ ସବୁବେଳେ ସବୁ ସମୟରେ ନିଜ ପାଖରେ ଚାହୁଁଥିଲେ। ତା'ଛଡ଼ା ତାଙ୍କର ଦୁଇ ଝିଅ ବି ଡୋରେମନ୍‌କୁ ବହୁତ ଭଲ ପାଆନ୍ତି। ପରିବାରର ସମସ୍ତଙ୍କର ପ୍ରିୟ ଏହି ରୋବୋଟିକ ବିଲେଇର ଛବି, କଣ୍ଢେଇ, ସାଜସଜ୍ଜା ସାମଗ୍ରୀ ଘରର ଚାରିଆଡେ ଦେଖିବାକୁ ମିଳେ। ପ୍ରତି କାନ୍ଥକୁ ନୀଳ ଓ ଧଳା ରଙ୍ଗରେ ରଙ୍ଗାଯାଇ ସେଥିରେ ଡୋରେମନ୍‌ର ବିଭିନ୍ନ ଛବି ଅଙ୍କାଯାଇଛି। ସେ ପିଲାଙ୍କ ରୁମ୍ ହେଉ କି ବଡ଼ମାନଙ୍କ ବେଡରୁମ୍ ଅବା ଲିଭିଂ ରୁମ୍, କିଚେନ ଓ ବାଥରୁମ୍, ଘରର ଟାଇଲ୍‌ଠୁ ଆରମ୍ଭ କରି ଟାୱେଲ, ଟେବଲକ୍ଲଥ, ପରଦା, ଆସବାବପତ୍ର ସବୁଠି କେବଳ ଡୋରେମନ୍। ଏମିତିକି ଘରର ବାହାରକୁ ବି ନୀଳ ଓ ଧଳା ରଙ୍ଗରେ ରଙ୍ଗା ଯାଇ ଡୋରେମନ୍ ଛବି ଅଙ୍କା ଯାଇଛି। ତାଙ୍କ କାର୍ ବି ଏଥିରୁ ବାଦ୍ ପଡ଼ିନି। କାର୍‌ର ଷ୍ଟିୟରିଂ ହୁଇଲ୍, କଭର୍, ଫ୍ଲୋର୍ ମ୍ୟାଟ୍ ସବୁ କିଛିରେ ଅଛି ଡୋରେମନ୍‌ର ଛବି। ଫଳରେ ଯିଏ ତାଙ୍କ ଘର ଦେଇ ଯାଏ, ସେ ଘଡ଼ିଏ ରହି ଚାହେଁ। ସୋସିଆଲ ମିଡ଼ିଆରେ ବି ଏହି ଘରର ଫଟୋଗୁଡ଼ିକ ବେଶ୍ ଭାଇରାଲ ହୋଇଛି।

# ଆଙ୍ଗୁଳି ଧୋଇବା ମେଶିନ୍



**କ**ପଡ଼ା ଧୋଇବା ଲାଗି ୱାଶିଂ ମେଶିନ୍ ତ ସମସ୍ତେ ବ୍ୟବହାର କରନ୍ତି। ହେଲେ ଜାଣନ୍ତି କି ଆଙ୍ଗୁଳି ସଫା କରିବା ଲାଗି ଏକ ୱାଶିଂ ମେଶିନ୍ ଅଛି। ଭାବୁଥିବେ ଆଙ୍ଗୁଳି ଧୋଇବାକୁ ୱାଶିଂ ମେଶିନ୍‌ର ଆବଶ୍ୟକତା କ'ଣ ? ହାତ ଧୋଇଦେଲେ ଅବା ପୋଛିଦେଲେ ତ ସବୁ ଆଙ୍ଗୁଳି ସଫା ହେଇଯିବ। ହେଲେ ଭାବନ୍ତୁ ତ ମନେ କର ଆପଣଙ୍କର କେବଳ ଗୋଟିଏ ଆଙ୍ଗୁଳି ମଇଳା ହୋଇଛି, ତେଲ ଲାଗିଛି। ଏଣେ ଶୀତ ପାଇଁ ପୂରା ହାତକୁ ଧୋଇବାକୁ ଇଚ୍ଛା ହେଉନି। ତେବେ ଏଇ ଫିଙ୍ଗର ୱାଶିଂ ମେଶିନ୍ ନିଶ୍ଚିତ ଭାବେ କାମ କରିବ। ଏମିତି ଏକ ୱାଶିଂ ମେଶିନ୍ ତିଆରି କରିଛି ପଟାଟୋ ଚିପ୍ସ କମ୍ପାନୀ ଲେସ୍।



ଦେଖିବାକୁ ଏହା ଭାରି ଛୋଟିଆ ଓ କ୍ୟୁଟ୍। ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନ୍‌ର ମିନିଏଚର୍ ଭଳି ଲାଗେ। ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନ୍‌ରେ କପଡ଼ା ଭର୍ତ୍ତି କରିବା ପାଇଁ ଯେମିତି ଏକ ଲଣ୍ଡ୍ରି ଡୋର୍ ଥାଏ, ଏଥିରେ ବି ସେମିତି ଏକ ଲଣ୍ଡ୍ରି ଡୋର ଅଛି। ସ୍ୱିଚ୍‌କୁ ଅନ୍ କରି ତା'ରି ଭିତରେ ଆଙ୍ଗୁଳିକୁ ପୂରାଇଲେ ତାହା ଉପରେ ଅଟୋମେଟିକ ଆଲକହଲ୍ ସ୍ପ୍ରେ ହୁଏ। ଏହି ମିନି ୱାଶିଂ ମେଶିନ୍‌ର ତଳଭାଗରେ ଥିବା ରିଫିଲ ହେଇପାରୁଥିବା ଟ୍ୟାଙ୍କରୁ ଆଲକହଲ୍ ଆସିଥାଏ। ଉକ୍ତ ୱାଶିଂ ମେଶିନ୍‌ର ଉଚ୍ଚତା ମାତ୍ର ୧୫ ସେ.ମି. ଓ ଓସାର ୧୧ ସେ.ମି. ।

# ଭାରତରେ ଆଫ୍ରିକୀୟ ଗାଁ

**ଭା**ରତରେ ଅନେକ ଜାତି, ଧର୍ମ, ବର୍ଣ୍ଣ, ଭାଷାର ଲୋକ ବସବାସ କରନ୍ତି। ହେଲେ ଜାଣନ୍ତି କି ଆମର ଏଇ ଦେଶରେ ଏମିତି ବି ଏକ ଗାଁ ଅଛି ଯେଉଁଠିକି ଗଲେ ଲାଗିବ ସତେ ଯେମିତି ଆପଣ ଆଫ୍ରିକା ପଳେଇ ଆସିଛନ୍ତି। ଏଇ ଗାଁଟି ହେଉଛି ଅହମଦାବାଦର ଜମ୍ବୁର ଗାଁ। ଏହି ଗାଁର ପ୍ରାୟ ସମସ୍ତେ ଆଫ୍ରିକାର ମୂଳ ବାସିନ୍ଦା ଅଟନ୍ତି। ହେଲେ ଏମାନେ ବହୁ ବର୍ଷ ଧରି ଏଠାରେ ରହି ଆସୁଛନ୍ତି। ଫଳରେ ସେମାନଙ୍କ ଜୀବନଶୈଳୀ ଭାରତୀୟଙ୍କ ଭଳି ହୋଇଗଲାଣି। ଏଠାକାର ଅଧିକାଂଶ ବାସିନ୍ଦା ନାଇଜେରିଆ, ଘାନା, କେନିଆ ଓ ଅନ୍ୟ ଆଫ୍ରିକା ରାଜ୍ୟର ଅଟନ୍ତି। ଏମାନେ ଚାକିରି ଅବା ଉଚ୍ଚଶିକ୍ଷା ପାଇଁ ଭାରତ ଆସିଥିଲେ। ହେଲେ ଧୀରେ ଧୀରେ ଏଠାରେ ସ୍ଥାୟୀ ବାସିନ୍ଦା ପାଲଟିଗଲେ। ଏଠି ମାତ୍ର ୧୦-୧୫ ପ୍ରତିଶତ ଗୁଜୁରାଟୀ। ଅନ୍ୟ ସମସ୍ତେ ଆଫ୍ରିକାର। ଏହି ଗାଁର ଗଳିରେ ପହଞ୍ଚିଲେ ଦେଖିପାରିବେ ଆଫ୍ରିକାରେ ପିନ୍ଧା ଯାଉଥିବା ପୋଷାକ ପିନ୍ଧିଥିବା କୃଷ୍ଣବର୍ଣ୍ଣର ଲୋକଙ୍କୁ। ସକାଳୁ ଉଠି ଏମାନେ ଭାରତୀୟଙ୍କ ପରି ଚା' ପିଅନ୍ତି, ଗୁଟଖା ଚୋବାନ୍ତି, ପାନ ଦୋକାନରେ ଗପସପ କରନ୍ତି। ଏମାନେ ଛୋଟମୋଟ ବ୍ୟବସାୟ କରନ୍ତି, ମହିଳାମାନେ ଘର ସମ୍ଭାଳନ୍ତି। ହିନ୍ଦୀ ଖୁବ ଭଲଭାବେ କୁହନ୍ତି। ସେମାନଙ୍କ ଚାଲିଚଳଣ, ରହଣି ସବୁ ଭାରତୀୟଙ୍କ ପରି। ଏହି ଗାଁରେ ଏକ ମନ୍ଦିର ଅଛି, ଯାହା ଭିତରେ ଏକ ମଜାର ବି ଅଛି। ଯଦିଓ ଏମାନେ ସମସ୍ତେ ଏବେ ଭାରତୀୟ ସଂସ୍କୃତି, ପରମ୍ପରା, ଚଳଣିକୁ ଆପଣେଇ ନେଲେଣି। ତେବେ ବେଳେବେଳେ ତାଙ୍କ ପାରମ୍ପରିକ ନୃତ୍ୟ ବି କରନ୍ତି।

